# ଭାଷାକୁ ଆଧାରକରି ସ୍ୱତନ୍ତ୍ର ରାଜ୍ୟ ଗଠନରେ ଓଡ଼ିଶା ପ୍ରଥମ: ମନ୍ତ୍ରୀ

**ଜିଲାସ୍ତରୀୟ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ ସମାରୋହ**

**ଯାଜପୁର,୧।୪(ହର୍ଷବର୍ଦ୍ଧନ ବେହେରା) :**

ଆଜକୁ ଅଣାନବେ ବର୍ଷ ପୂର୍ବେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଭାଷାକୁ ଆଧାର କରି ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ଓଡ଼ିଶା ପ୍ରଥମ। ଯାଜପୁର ଜିଲା ପ୍ରଶାସନ ତରଫରୁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ତଥା ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ମନ୍ତ୍ରୀ ବଳ ଆହୁରି କହିଥିଲେ, ଦୀର୍ଘ ଦିନର ସଂଘର୍ଷ ପରେ ବିହାର-ଓଡ଼ିଶା-ମାଡ୍ରାସ ପ୍ରେସିଡେନ୍ସିରେ ଥିବା ଓଡ଼ିଆ ଭାଷା କହୁଥିବା ଅଞ୍ଚଳକୁ ନେଇ ୧୯୩୬ ଏପ୍ରିଲ ୧ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଯେଉଁମାନେ ସେମାନଙ୍କ ତ୍ୟାଗ, ଅଧ୍ୟବସାୟ, ପରିଶ୍ରମ ଓ ସାମର୍ଥ୍ୟ ବିନିଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ମର୍ଦ୍ଦରାଜ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀଶଙ୍କର ରାୟ, ପଣ୍ଡିତ ନୀଳକଣ୍ଠ ମିଶ୍ର, ଆଚାର୍ଯ୍ୟ ହରିହରଙ୍କ ପରି ଅନେକ ଯୋଗଜନ୍ମା। ସେମାନଙ୍କ ଉଦ୍ୟମର ଫଳଶ୍ରୁତି ସ୍ୱରୂପ ଆଜି ଆମେ ଓଡ଼ିଆ ଭାବେ ଗର୍ବ କରୁଛେ। ଆଜି ଦିବସରେ ସମସ୍ତ ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

ସମୃଦ୍ଧ ଐତିହ୍ୟ, ଜୀବନ୍ତ କଳା, ଗୌରବମୟ ସଂସ୍କୃତି ଓ ଗରିମାମୟ ପରମ୍ପରାର ଶାଶ୍ୱତ ବିଭବରେ ଯାଜପୁର ପରିପୂର୍ଣ୍ଣ। କଳା, ସାହିତ୍ୟର ମାଟି ହେଉଛି ମା' ବିରଜାଙ୍କର ଏହି ପୁଣ୍ୟ କ୍ଷେତ୍ର । ସୋମବଂଶର ମହାନ ନରପତି ଯଯାତି କେଶରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଯାଜପୁର ମାଟି ହେଉଛି ସୁଯୋଗ ଓ ସମ୍ଭାବନାର ଏକ ସୁବର୍ଣ୍ଣକ୍ଷେତ୍ର । ଏହିପୁଣ୍ୟ ମାଟିରୁ ଦିନେ ଗୁଞ୍ଜରିତ ହୋଇଥିଲା ଗୌତମ ବୁଦ୍ଧଙ୍କ ଶାନ୍ତିମନ୍ତ୍ର । ପ୍ରାଚୀନ ବୌଦ୍ଧ ସଭ୍ୟତାର ଅମର ଭୂମି ରତ୍ନଗିରି ଓ ଉଦୟଗିରି ଏହାର ଜ୍ୱଳନ୍ତ ନିଦର୍ଶନ। ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଶ୍ରୀବରାହକ୍ଷେତ୍ର, ଦଶାଶ୍ୱମେଧ ଘାଟ, ନାଭିଗୟା, ବ୍ରହ୍ମକୁଣ୍ଡ, ଗୋକର୍ଣ୍ଣେଶ୍ୱର ମନ୍ଦିର ଆଦି ଅନେକ ପବିତ୍ର କ୍ଷେତ୍ର ଏ ମାଟିର ମହାର୍ଘ୍ୟ ଆଧ୍ୟାତ୍ମିକତାର ଗୋଟିଏ ଗୋଟିଏ ବଳିଷ୍ଠ ସାକ୍ଷର । କେବଳ ଧର୍ମ ନୁହେଁ, ଭାରତର ସ୍ୱାଧୀନତା ଆନ୍ଦୋଳନ ଏଇଠୁ ଶୁଭିଥିଲା। ବରୀ କଳାମାଟିଆର ଶହୀଦ ସ୍ମୃତିସ୍ତମ୍ଭ ଏହାର ମୂକସାକ୍ଷୀ ବୋଲି କହିଥିଲେ।

ଅନ୍ୟତମ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପ୍ରଥମେ ୬ଟି ଜିଲାକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। କିନ୍ତୁ ଆଜି ୩୦ ଜିଲାରେ ପରିବର୍ତ୍ତିତ ହୋଇଛି। ଏବେ ଐତିହାସିକ କିମ୍ବା ଭୌଗଳିକ ସବୁସ୍ତରରେ ଓଡ଼ିଶା ବହୁ ସମୃଦ୍ଧିଶାଳୀ ହୋଇଛି ବୋଲି କହିଥିଲେ। ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଜୟ କିଶୋର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଶା ତଥା ଯାଜପୁର ଜିଲାର ସାଧୀନତା ସଂଗ୍ରାମୀଙ୍କ ବଳିଦାନ, ଓଡ଼ିଶା ତଥା ଯାଜପୁର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲାର ୫ ଜଣ ଶ୍ରେଷ୍ଠ ଅଗ୍ରଣୀ ଚାଷୀଙ୍କୁ ଜଗନ୍ନାଥ ମଲିକ କୃଷକ ସମ୍ମାନରେ ସମ୍ମାନିତ କରାଯିବା ସହ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏସ୍‌ପି ଯଶପ୍ରତାପ ଶ୍ରୀମାଲ, ଜିଲାପାଳ ନବକ୍ରିଷ୍ଣ ଜେନା ଓ ଶିବାନନ୍ଦ ସ୍ୱାଇଁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ପ୍ରାତଃ ୪.୩୦ ମିନିଟ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଉତ୍କଳ ବନ୍ଦନା ଗାନ ଏବଂ ସକାଳ ୬.୩୦ ମିନିଟ ସମୟରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଭାତଫେରୀର ଆୟୋଜନ କରାଯାଇଥିଲା। ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁରଠାରେ ଥିବା ବରପୁତ୍ର, କିଆନାଳୀ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଜିଲା ସ୍କୁଲ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମେତ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜିଲା କାରାଗାରର ଅନ୍ତେବାସୀ, ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ପ୍ୟାକେଟ ବଣ୍ଟନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜ କରାଯାଇଥିଲା।


ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।


ଜିଲାସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।


ଯାଜପୁରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

# ସ୍ରୋତରେ ଭାସିଯାଇ ଜଣେ ନିଖୋଜ, ୫ ଉଦ୍ଧାର

- ମହାନଦୀରେ ମାଛ ଧରୁଥିବାବେଳେ ଆଗରେ ଭାସିଗଲା ସାଥୀ
- ଉଦ୍ଧାର କାର୍ଯ୍ୟରେ ସାମୁଦ୍ରିକ ପୋଲିସ, ଅଗ୍ନିଶମ, ସ୍ଥାନୀୟ ମତ୍ସ୍ୟଜୀବୀ
- ଜଣେ ଗୁରୁତର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର

**ମହାକାଳପଡ଼ା,୧।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ରାମନଗର ପଞ୍ଚାୟତ ବନ୍ତନାଶି-ମହାନଦୀ ମୁହାଣ ମାଉଥଠାରେ ମଙ୍ଗଳବାର ଅପରାହ୍ଣରେ ୬ ଜଣ ସାଥୀ ଭଉଁରି ଜାଲ ପକାଇ ମାଛ ଧରୁଥିଲେ। ହଠାତ୍ ସାମୁଦ୍ରିକ ଜୁଆର ଅନ୍ତଃସ୍ରୋତରେ ୬ ସାଥୀ ଭାସି ଯାଇଥିଲେ। ସେମାନେ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ଏମାନଙ୍କ ଚିତ୍କାର ଶୁଣି ଡଙ୍ଗାରେ ମହାନଦୀରେ ମାଛ ଧରୁଥିବା ରାମନଗର ଗାଁର ପ୍ରକାଶ ମିର୍ଦ୍ଧା ପହଞ୍ଚି ୫ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ରାମନଗର ଗ୍ରାମର ବାପି ମଣ୍ଡଳ (୨୮) ବୋଲି ଜଣାପଡିଛି। ସାଥୀମାନେ ବାପିଙ୍କୁ ଉଦ୍ଧାର କରିବାକୁ ସତ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

ଏହି ଖବର ପ୍ରଚାରିତ ପରେ ସ୍ଥାନୀୟ ଅଞ୍ଚଳରେ ବହୁସଂଖ୍ୟାରେ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଥାନା ସ୍ପିଡ୍ ବୋଟକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିଥିଲେ। ପରେ ମହାକାଳପଡ଼ା ଅଗ୍ନିଶମ ବାହିନୀର କର୍ମଚାରୀ ଓ ସ୍ଥାନୀୟ ମତ୍ସ୍ୟଜୀବୀ ୪ଟି ଡଙ୍ଗାରେ ଉଦ୍ଧାର କରିବାକୁ ଘଟଣାସ୍ଥଳରେ ଜାଲ ଟାଣି ଟାଣି ନେଉଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସୁଦ୍ଧା ନିଖୋଜ ଯୁବକଙ୍କ ସନ୍ଧାନ ମିଳି ପାରିନାହିଁ।

ଉଦ୍ଧାର ପାଇଥିବା ଯୁବକମାନେ ହେଲେ ରାମନଗର ଗ୍ରାମର ପ୍ରଭାସ ମଣ୍ଡଳ (୩୦), ଗୋବିନ୍ଦ ମଣ୍ଡଳ (୩୦), ହିରନ୍ୟ ସରକାର (୨୮), ତାପସ ମଣ୍ଡଳ (୩୦) ଓ ଜିତୁ ସାମଲ (୨୭)। ତେବେ ଏମାନଙ୍କ ମଧ୍ୟରୁ ତାପସ ଅଧିକ ପାଣି ପିଇ ଦେଇଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁଅର ନିଖୋଜ ଖବର ଶୁଣି ମା' ସରସ୍ୱତୀ ଘଟଣାସ୍ଥଳରେ ପହଞ୍ଚି କାନ୍ଦି କାନ୍ଦି ବେହୋସ୍ ହୋଇପଡ଼ିଥିଲେ। ଗ୍ରାମର ରତନ କାଞ୍ଜିଲାଲ୍, ନିକୁଞ୍ଜ ସର୍ଦ୍ଦାର, ବିକାଶ ଦେବନାଥ, ସୁଜିତ ମାଇତି, ଭବସିନ୍ଧୁ ମଣ୍ଡଳଙ୍କ ସମେତ ବହୁସଂଖ୍ୟାରେ ଗ୍ରାମର ଲୋକ ଦୁଃଖ ପ୍ରକାଶ କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି। ବୁଧବାର ସକାଳେ ଉଦ୍ଧାର କାର୍ଯ୍ୟ ଜାରି ରହିବ। ଏ ସଂକ୍ରାନ୍ତରେ ତହସିଲଦାର ଶିବ ମଲିକଙ୍କୁ ପଚାରିବାରେ ଘଟଣାସ୍ଥଳରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରାଙ୍କୁ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛି। ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ମଲିକ କହିଛନ୍ତି।


ମହାନଦୀରେ ନିଖୋଜ ଯୁବକଙ୍କୁ ଖୋଜା ଯାଉଛି।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

**ଧର୍ମଶାଳା,୧।୪(ବଟକୃଷ୍ଣ ପରିଡ଼ା):**
ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଜଣେ ରାଜମିସ୍ତ୍ରୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କବାଟବନ୍ଧ ଗ୍ରାମର ବିଷ୍ଣୁଚରଣ ବେଜ୍(୪୨)। ସୋମବାର ସେ ଗ୍ରାମ ନିକଟ ମିର୍ଜାପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର କାମ କରୁଥିବା ବେଳେ ରୁଦ୍ରତାପ ଯୋଗୁ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଜଗତ୍‌ସିଂହପୁରର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ମହାନ୍

**ଓଡ଼ିଶା ଦିବସ, ଜିଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଘାଟିତ**

**ଜଗତ୍‌ସିଂହପୁର, ୧।୪ (ପ୍ରମୋଦ କୁମାର ନାୟକ):**

ଜଗତ୍‌ସିଂହପୁର ଜିଲାର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ପ୍ରତ୍ୟେକଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଜିଲାରେ ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଏହାକୁ ପୂରଣ କରିବା ପାଇଁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ଓଡ଼ିଶା ଦିବସ ଓ ଜିଲା ମହୋତ୍ସବ କଲ୍ଲୋଳ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା କହିଛନ୍ତି।

ସେ କହିଥିଲେ, ୧୯୩୬ରେ ବହୁ ମହାପୁରୁଷଙ୍କ ଉଦ୍ୟମରେ ଭାଷା ଭିତ୍ତିକ ରାଜ୍ୟ ଗଠନ ହୋଇଥିଲା। ପ୍ରଥମେ ୬ଟି ଜିଲାକୁ ନେଇ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। କଟକ ଥିଲା ଏହାର ରାଜଧାନୀ। ତା'ପରେ ୧୩ ଓ ପରେ ୩୦ଟି ଜିଲା ହୋଇଥିଲା। ଓଡ଼ିଶା ବିଶେଷକରି ଜଗତ୍‌ସିଂହପୁର ଜିଲାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ଇତିହାସ ମହାନ। ଏହାର ଐତିହ୍ୟ, ସାଂସ୍କୃତିକ ଓ ପରମ୍ପରା ସୁଦୃଢ। ପୂର୍ବ ସରକାର ସମୟରେ ଓଡ଼ିଆ ଅସ୍ମିତା ବିପଦଗାମୀ ହୋଇ ପଡ଼ିଥଲା। ଯେଉଁ କାରଣରୁ ଲୋକେ ଏହି ସରକାରକୁ ପ୍ରତ୍ୟାଖ୍ୟାନ କରି ଭାଜପା ସରକାରକୁ ଆଣିଛନ୍ତି। ଏବେ ସରକାର ଘରେ ଘରେ ଅସ୍ମିତାକୁ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ଶାରଳା ମନ୍ଦିର ଉନ୍ନୟନ କାମକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ଏହି କାମ କେବେ ଆରମ୍ଭ ଓ କେବେ ହେବା କଥା ତା'ଉପରେ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଜିଲାରେ ବହୁତ ଶିଳ୍ପ ରହିଛି। ସେଥିରେ ଆମ ଜିଲାର ଯୁବପିଢ଼ିକୁ ସୁଯୋଗ ଦେବା ପାଇଁ ଚେଷ୍ଟା ଚାଲିଛି। ଓଡ଼ିଶାର ଅଖଣ୍ଡତା ପ୍ରତି ଯେଉଁ ବିପଦ ଅଛି ବୋଲି କୁହାଯାଉଛି ତାହା ଭୁଲ୍। ଓଡ଼ିଶାକୁ କେହି ଖଣ୍ଡ କରିପାରିବେ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ଜିଲାରେ ୬୨୦୦ କୋଟି ନିବେଶ ହେବାକୁ ଯାଉଛି। ଆଗମୀ ଦିନରେ ଯୁବଗୋଷ୍ଠୀଙ୍କ ପାଇଁ ନୂଆ ସୁଯୋଗ ଆସିବ। ଏ ମାଟିର ବରପୁତ୍ରମାନେ ସ୍ୱାଧୀନତା ସଂଗ୍ରାମ ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସଂଗ୍ରାମ କରିଥିଲେ। ସେମାନେ ସବୁବେଳେ ନମସ୍ୟ। ସମ୍ପ୍ରତି ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ନାହାନ୍ତି। ଏହା ପୂରଣ ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଗୋଟିଏ ଦିନରେ ୧୬,୦୦୯ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ନୂଆ ସରକାର ଅମଳରେ ୨୯ ହଜାର ନିଯୁକ୍ତି ହୋଇ ସାରିଲାଣି। ଆଗକୁ ୬୫ ହଜାର ନିଯୁକ୍ତି ଲକ୍ଷ୍ୟ ଅଛି। ଏହା ଭିତରେ ୫୨୨୬ ଡାକ୍ତର ନିଯୁକ୍ତି ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଜିଲାରେ ମେଡିକାଲ କଲେଜ ପାଇଁ ବହୁ ସଂଗ୍ରାମ ହୋଇଥିଲା।

ସରକାର ଲୋକଙ୍କ ଦାବି ଶୁଣିଛନ୍ତି। ୩ ତାରିଖରେ ମୁଖ୍ୟମନ୍ତ୍ରୀ ଏହା ଉପରେ ଅଧିକ ସ୍ପଷ୍ଟ କରିପାରନ୍ତି। ଅନ୍ତ୍ୟୋଦୟ କାର୍ଡ ଯାହାର ଅଛି ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଦିଆଯିବା ଅଭିଯାନ ଆରମ୍ଭ ହୋଇଛି। ଜିଲାରେ ୪୮ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭଳମି ଅଛି। ଏହାର ବିକାଶ ପାଇଁ ଚେଷ୍ଟା ହେବ। ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିଲେ ଜିଲାର ଅର୍ଥନୀତି ସୁଦୃଢ ହୋଇପାରିବ। ଜିଲାରେ ସ୍କିଲ ଡେଭଲପମେଣ୍ଟ ସେଣ୍ଟର ହେବାକୁ ଯାଉଛି। ପାରାଦୀପରେ ୧୩ଟି ପ୍ଲାଷ୍ଟିକ ପାର୍କ ହେବାକୁ ଯାଉଥିବାବେଳେ ସେଥିରୁ ୭ଟିର ମାଲିକ ଓଡ଼ିଆ। ଜିଲାରେ ସରକାରୀ କଲେଜ ନ ଥିଲା। ସୌଭାଗ୍ୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିବାକୁ ଯାଉଛି। ଜିଲାରେ ଡିଗ୍ରୀ ଇଞ୍ଜିନିୟରିଂ କଲେଜର ଆବଶ୍ୟକତା ଅଛି। ଧଳତଙ୍ଗଗଡ଼ ଜଙ୍ଗଲ ଓ ଶିଆଳି ବେଳାଭୂମି ଉନ୍ନତି ହେବ। ନାଉଗାଁ ବ୍ଲକ ଦେବୀଦୋଳଠାରେ ଅନ୍ତଃନଦୀ ଜଳାଶୟ ହେବାକୁ ଯାଉଛି। ଏହାଦ୍ୱାରା ୧୦ ହଜାର ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲା ବିକାଶ ଏବଂ ଓଡ଼ିଶା ଦିବସ ପାଳନର ମହତ୍ତ୍ୱ ଉପରେ ବଖାଣିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ପ୍ରାତଃ ୪ଟାବେଳେ ରାମଧୁନ, ୬ଟାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ଓ ୮ଟାରେ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଓଡ଼ିଶା ଦିବସ, ଜିଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
metroselfie@gmail.com


@ ଫାରୁକ୍


@ ମଦନମୋହନ


@ ସୁମନ୍ତ


@ ତ୍ରିନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରକୃତ ଚାଷୀଙ୍କୁ ଅଣଦେଖା କରି ଅଣଚାଷୀଙ୍କୁ ଋଣ

■ ୮୦ ପରିବାର ସ୍ଥାନରେ ଗୋଟିଏ ପରିବାର କରୁଛନ୍ତି ଆଖୁ ଚାଷ
■ ୫ଶହ କୋଟିରୁ ଊର୍ଦ୍ଧ୍ୱ ଋଣ ସତ୍ତ୍ୱେ ସଙ୍କଟରେ ଆଖୁଚାଷ
■ ଚିନି ଶିଳ୍ପ ବନ୍ଦ ପରେ ଚାଷୀ ପାଇଁ କୃଷିଋଣ ପାଲଟିଛି ସ୍ୱପ୍ନ
■ ଧାରକରଜ, ଗାଉଁଲି ଋଣ ଯୋଗୁ ବଞ୍ଚିଛି ଚାଷ

ନୟାଗଡ଼,୧ ।୪(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାରେ ଆଖୁ ଚାଷୀଙ୍କୁ ଅଣଦେଖା କରି ଅଣଚାଷୀଙ୍କୁ ଋଣ ଦେବା ମହଙ୍ଗା ପଡ଼ିଛି । ଯେଉଁ ଗାଁର ୮୦ ପରିବାର ଆଖୁଚାଷୀ ଥିଲେ ସେହି ଗାଁରେ ମାତ୍ର ଜଣେ ପରିବାର ଆଖୁ ଚାଷ କରିବା ଘଟଣା ସରକାର ଓ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି । ଏପରିକି ଚାଷୀ ଓ ଚାଷ ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଭୂମିକାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ସରକାର ଆଖୁଚାଷକୁ ପ୍ରୋତ୍ସାହନ ଦେଉଥିଲେ ମଧ୍ୟ ନୟାଗଡ଼ ଜିଲାରେ ଆଖୁ ଚାଷ ହ୍ରାସ ପାଇବା ଘଟଣା ଚିନ୍ତାର କାରଣ ପାଲଟିଥିଲା । ତେବେ ସରକାରୀ ଯୋଜନାର ସୁଫଳ ଚାଷୀ ବଦଳରେ ଅଣଚାଷୀ ନେଉଥିବାରୁ ଆଖୁଚାଷ ନୟାଗଡ଼ ଜିଲାରେ ହ୍ରାସ ପାଇବାର କାରଣ ବୋଲି ଚର୍ଚ୍ଚା ହେଲାଣି ।

୨୦୨୪-୨୫ ଆର୍ଥିକ ବର୍ଷରେ ଅଣଚାଷୀଙ୍କୁ ଚାଷୀ ଦର୍ଶାଯାଇ ୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଦେବା ପରି ଘଟଣା ଜିଲାରେ ଆଖୁଚାଷକୁ ସଙ୍କଟ ମୁହଁକୁ ଠେଲି ଦେଇଛି ବୋଲି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ଅଭିଯୋଗ ଆଣିବା ପରେ ହଟଚମଟ ସୃଷ୍ଟି ହୋଇଛି । ଅପରପକ୍ଷେ ନୟାଗଡ଼ ପାଣିପୋଇଲାସ୍ଥିତ ଚିନିଶଳ୍କ ବନ୍ଦ ପରେ ଆଖୁ ଚାଷ ଓ ଚାଷୀ ଉପେକ୍ଷିତ ହୋଇ


ଜେମାଦେଇପୁରର ଜଣେ ଚାଷୀ ଆଖୁ ଚାଷ କରୁଛନ୍ତି ।

ପଡିଥିବା ଅଭିଯୋଗ ହୋଇଆସୁଛି । ୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଖୁଚାଷୀଙ୍କୁ ଋଣ ଦେବା ଘଟଣା ପ୍ରଚାର ହେବା ପରେ ଆଖୁଚାଷୀମାନେ ଉଦ୍‌ବେଗ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେତେଜଣ ଚାଷୀ ଧାରକରଜ ଓ ଗାଉଁଲି ଋଣ ଆଣି ଆଖୁଚାଷକୁ ବଞ୍ଚାଇ ରଖିଥିବାବେଳେ ଚିନି ଶିଳ୍ପ ବନ୍ଦ ପରେ କୃଷିଋଣ ଚାଷୀଙ୍କ ପାଇଁ ସାତସପନ ପାଲଟିଛି ବୋଲି ଅନୁରୂପ ଅଭିଯୋଗ ଉଠିଛି ।

ଏନେଇ ଯୌତୁକପାଟଣା ଗାଁର ଅନ୍ତର୍ଯ୍ୟାମୀ ପ୍ରଧାନ କୁହନ୍ତି, ମୁଁ ଅଢ଼େଇ ଏକର ଆଖୁ ଚାଷ କରୁଥିଲି । ଚିନିକଳ ବନ୍ଦ ପରେ କିଛି ବର୍ଷ ଆଖୁଚାଷ କଲି । ହେଲେ ପ୍ରତିବର୍ଷ ଆଖୁ ଗୁଡ଼ କରିବା ସମ୍ଭବ ହେଲା ନାହିଁ । ଆଖୁଋଣ ବି ସୋସାଇଟିରୁ ଆଣିବା ପ୍ରଚେଷ୍ଟା କରି ପାଇଲି ନାହିଁ । ଏଣୁ ଆଖୁ ବଦଳରେ ପନିପରିବା ଫସଲକୁ ଆଦରି ନେଇଛି । ଯୌତୁକପାଟଣା ଗାଁର ଲଡ୍ଡୁ ମାଝୀ କୁହନ୍ତି, ମୋ ଗାଁରେ ୭୦ ପରିବାର ଆଖୁଚାଷ କରୁଥିଲେ । ଏବେ କେବଳ ମୋ ପରିବାର ଆଖୁ ଚାଷ କରୁଛି । ଆମ ପରିବାର ପକ୍ଷରୁ ୧୦ ମାଣ ଜମିରେ ଆଖୁଚାଷ କରିଛୁ । କୃଷି ଋଣ ସୋସାଇଟି ମୋତେ ଦେଇ ନାହିଁ । ଆଖୁଚାଷକୁ ନ ବଞ୍ଚାଇଲେ ନୟାଗଡ଼ ଜିଲାରୁ ଆଖୁଚାଷ ଲୋପ ପାଇଯିବ । କଞ୍ଚନବିଲି ଗାଁର ଲୋକନାଥ ସାହୁ କୁହନ୍ତି, ମୋ ଗାଁରେ ୮୦ ପରିବାର ଆଖୁଚାଷ କରୁଥିଲେ । ଏବେ କେବଳ ମୋ ପରିବାର ଆଖୁଚାଷ କରୁଛି । ଜେମାଦେଇପୁର ଗାଁର ଦୁର୍ଯ୍ୟୋଧନ ପ୍ରଧାନ କୁହନ୍ତି, ମୋ ଗାଁରେ ଆଗରୁ ଆଖୁଚାଷ ଅଛି । ହେଲେ ଆମେ ଆମ ସୋସାଇଟିରୁ ଋଣ ପାଇ ନାହୁଁ । ଆଖୁଚାଷକୁ ବଞ୍ଚାଇବାକୁ ଆମର ଆଗ୍ରହ ଅଛି । ତେବେ ସରକାରୀ ସୁବିଧା ସୁଯୋଗ ଆମ ପାଇଁ ସାତସପନ । ଆମ ପାଇଁ ସରକାରୀ ସୁବିଧା ସୁଯୋଗ ମିଳିଲେ ଆମେ ଚାଷକୁ ବଢ଼ାଇବୁ ବୋଲି କହିଛନ୍ତି । ରାଇପୁରର ରବୀନ୍ଦ୍ର ବରାଡ଼ କୁହନ୍ତି, ଆଖୁଚାଷରେ ଆଗପରି ଆଉ ଲାଭ ହେଉନାହିଁ । ହେଲେ ଆଖୁଚାଷକୁ ମୁଁ ଛାଡି ପାରୁନି । ସରକାର ଆମ ପାଇଁ ସୋସାଇଟିରୁ ଋଣ କରିବାର ବ୍ୟବସ୍ଥା କରାଇଲେ ଆମେ ଅଧିକ ପରିମାଣର ଚାଷ କରି ପାରନ୍ତୁ ବୋଲି କହିଛନ୍ତି ।ଜେମାଦେଇପୁରପାଟଣାର ଚାଷୀ ଅର୍ଜୁନ ପ୍ରଧାନ କୁହନ୍ତି, ଯେଉଁମାନେ ଆଖୁଚାଷ କରୁଛନ୍ତି ସେମାନଙ୍କୁ ସୋସାଇଟି ପକ୍ଷରୁ ଋଣ ଦିଆଯାଉ । ସରକାରୀ ସବ୍‌ସିଡି ସେମାନେ କିପରି ପାଇବେ ତା'ର ବ୍ୟବସ୍ଥା ହେଉ । ଅଣଚାଷୀ କୃଷି ଋଣ ନେଇ ସବ୍‌ସିଡି ପାଇଲେ ଆଖୁଚାଷ କେବେ ହେଲେ ବଞ୍ଚିବ ନାହିଁ । ଏଣୁ ଆଖୁଚାଷୀଙ୍କୁ ଚିହ୍ନଟ କରାଯାଇ ସରକାର ଓ ପ୍ରଶାସନ ଋଣ ଦେବାର ବ୍ୟବସ୍ଥା କରାଇବା ଦରକାର ବୋଲି କହିଛନ୍ତି ।

# ରଘୁନାଥ ଜୀଉ ମନ୍ଦିର ନିର୍ମାଣ କାମ ବନ୍ଦ

ଖଣ୍ଡପଡ଼ା,୧।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୧୧ନଂ. ୱାର୍ଡ ଗଡଭିତରସାହିରେ ଶ୍ରୀରଘୁନାଥ ଜୀଉଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ତତ୍କାଳୀନ ସରକାରଙ୍କ ସମୟରେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଖଣ୍ଡପଡ଼ା ବ୍ଲକ ପକ୍ଷରୁ ଡିପାର୍ଟମେଣ୍ଟାଲ ଭାବେ ଶ୍ରୀ ରଘୁନାଥ ଜୀଉ ମନ୍ଦିରର ନିର୍ମାଣ କାର୍ଯ୍ୟ ଜଣେ ଠିକାଦାରଙ୍କ ଦ୍ୱାରା ଗତ ୩ମାସ ତଳୁ ଆରମ୍ଭ ହୋଇଥିଲା । ବ୍ଲକରେ କାର୍ଯ୍ୟରତ ବରିଷ୍ଠ ଯନ୍ତ୍ରୀ ବ୍ରଜବନ୍ଧୁ ମିଶ୍ର ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବା ସହ ପୁରାତନ ଗୃହକୁ ଭଙ୍ଗା ଯାଇ ନୂତନ ଗୃହ(ମନ୍ଦିର) ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ଜଣେ କାଉନସିଲର ଉକ୍ତ କାର୍ଯ୍ୟ ବାବଦକୁ ଟଙ୍କା ଦେବା ପାଇଁ


ରଘୁନାଥଜୀଉ ମନ୍ଦିର ନିର୍ମାଣ କାମ ବନ୍ଦ ରହିଛି ।

ଠିକାଦାରଙ୍କୁ କହିବାରୁ ସେ ମନ୍ଦିର ନିର୍ମାଣ କାର୍ଯ୍ୟରୁ ଓହରି ଯାଇଥିବା ବ୍ଲକ୍ ପ୍ରଶାସନ ସୂତ୍ରରୁ ଜଣାପଡିଛି । ଶ୍ରୀରଘୁନାଥ ମନ୍ଦିର ଟ୍ରଷ୍ଟି ବୋର୍ଡର ସଭାପତି ଉଦ୍ଧବ ଚନ୍ଦ୍ର ଦାସ ଓ ସଦସ୍ୟବୃନ୍ଦ ଭଗବାନ ପାତ୍ର, କୈଳାସ ଚନ୍ଦ୍ର ଦଳବେହେରା, ସନ୍ତୋଷ ପାତ୍ର, ତ୍ରିଲୋଚନ ପଡ଼ିହାରୀ, ଗଣେଶ୍ୱର ଦାସ, ସୁଦର୍ଶନ ବେହେରା ପ୍ରମୁଖ ଏ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ । ଅପରପକ୍ଷେ ଆସନ୍ତା ୬ ତାରିଖରେ ଶ୍ରୀରାମ ନବମୀ ପର୍ବ ସାଙ୍ଗକୁ ଆଗକୁ ରାମଲୀଳା ଯାତ୍ରା ଆସୁ ଥିବାରୁ ବିଗ୍ରହଙ୍କ ନୀତିକାନ୍ତି ଓ ଭୋଗଲାଗି ନିମନ୍ତେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ସେ ନେଇ ମନ୍ଦିର ଟ୍ରଷ୍ଟି ବୋର୍ଡ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁରାତନ ଗୃହ ଭଙ୍ଗାଯିବା ପରେ ଏବେ ବିଗ୍ରହ ମାନେ ସ୍ଥାନୀୟ ଅଞ୍ଚଳର ଏକ ଅସ୍ଥାୟୀ ଗୃହରେ ପୂଜା ପାଉଛନ୍ତି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ଖଣ୍ଡପଡ଼ା,୧।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ବଡ଼ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି । ନୟାଗଡ଼ ଜିଲା ସଂଘ ଚାଳକ ସୁକାନ୍ତ ରଣସିଂହ, ଖଣ୍ଡପଡ଼ା ସଂଘ ଚାଳକ ହେମନ୍ତ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଡ଼ାକ୍ତର ରବିନ୍ଦ୍ର ସାହୁ ଯୋଗଦେଇ ହିନ୍ଦୁ ନବ ବର୍ଷ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ଅଭିଳାଷ ପଣ୍ଡା, ଜିତେନ୍ଦ୍ର କୁମାର କାଟିଆ, ଜ୍ଞାନରଞ୍ଜନ ପୃଷ୍ଟି, ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭାରତ ମାତାଙ୍କ ଫଟୋଚିତ୍ର ସମେତ ଆରଏସ୍‌ଏସ୍‌ର ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ଶିକ୍ଷାବର୍ଷ ଆରମ୍ଭ, ଛାତ୍ରୀଛାତ୍ରଙ୍କୁ ମିଳିନି ପାଠ୍ୟପୁସ୍ତକ

ଖଣ୍ଡପଡ଼ା,୧।୪(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ଚଳିତ ଶିକ୍ଷାବର୍ଷ ବୁଧବାରଠାରୁ ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସହ ଛାତ୍ରୀଛାତ୍ରମାନଙ୍କ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାତ୍ର ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇ ନାହିଁ । ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଠବହି ବିନା ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ଖଡିଛୁଆଁ ଓ ପ୍ରବେଶ ଉତ୍ସବରେ ସାମିଲ ହେବେ । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଏହି ଅଜବ ନୀତିକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣ୍ଡପଡ଼ା ବ୍ଲକ୍ ଓ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ପୁସ୍ତକ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
'ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି'
metroselfie@gmail.com


@ ଫାରୁକ୍


@ ମଦନମୋହନ


@ ସୁମନ୍ତ


@ ତ୍ରିନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱପ୍ନେଶ୍ୱର ମନ୍ଦିର ବେଢ଼ାରେ ଫାଟ


ସ୍ୱପ୍ନେଶ୍ୱର ମନ୍ଦିର ।

ଶରଣକୁଳ,୧।୪(ଦୀପକ କର):

ରାଜ୍ୟ ସରକାର ସମସ୍ତ ମନ୍ଦିରର ରୁପରେଖରେ ପରିବର୍ତ୍ତନ ଆଣିବାକୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନୟାଗଡ଼ ଜିଲା ଶରଣକୁଳ ପଞ୍ଚାୟତ ବାଉଁଶିଆ ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ଏହି ମନ୍ଦିର ବେଢାରେ ଫାଟ ସୃଷ୍ଟି ହୋଇଛି । କେତେବେଳେ ଯେ ଏହି ମନ୍ଦିର ଭୁଶୁଡ଼ି ପୋଖରୀରେ ମିଶିଯିବା କହିହେବ ନାହିଁ । ଏହାକୁ ନେଇ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଶରଣକୁଳର ପ୍ରସିଦ୍ଧ ଲଡୁବାବାଙ୍କ ବଡ଼ଭାଇ ହେଉଛନ୍ତି ସ୍ୱପ୍ନେଶ୍ୱର ମହାଦେବ । ବର୍ଷକୁ ୨ଥର ଲଡୁବାବା ସ୍ୱପ୍ନେଶ୍ୱରଙ୍କ ମନ୍ଦିରକୁ ଆସିବାର ପରମ୍ପରା ରହିଛି। ଜାଗର ଯାତ୍ରା ପାଇଁ ଲଡୁବାବା ବଡ଼ଭାଇ ସ୍ୱପ୍ନେଶ୍ୱରଙ୍କୁ ନିମନ୍ତ୍ରଣ କରିବାକୁ ଆସିଥାଆନ୍ତି । ସେହିପରି ଶୀତଳ ଷଷ୍ଠୀ ସମୟରେ ଭାଇଙ୍କ ଦର୍ଶନ ନିମନ୍ତେ ଯାଇଥାନ୍ତି । ତେବେ ଦୀର୍ଘଦିନରୁ ଏହି ସ୍ୱପ୍ନେଶ୍ୱର ମହାଦେବଙ୍କୁ ଅଣଦେଖା କରାଯାଇଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁ ମନ୍ଦିର ସମ୍ମୁଖ ପୋଖରୀରୁ ପାଣି ଶୁଖି ଯାଇଛି । ଏଥିସହିତ ମନ୍ଦିର ବେଢା ଫାଟି ଯାଇଥିବା ଦେଖିବାକୁ ମିଳିଛି। ମନ୍ଦିର ପାର୍ଶ୍ୱରେ ଗାର୍ଡୱାଲ କରିବା ସହିତ ମନ୍ଦିର ପରିସର ମରାମତି କରିବାକୁ ବାଉଁଶିଆ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଏକ ବଡ଼ ଅଘଟଣ ଘଟିପାରେ ବୋଲି ଗାଁ ସଭାପତି ରବୀନ୍ଦ୍ର କୁମାର ଦାଶ କହିଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବ୍ୟକ୍ତିଗତ ଜୀବନକୁ ସ୍ୱଚ୍ଛ ରଖିବାକୁ ଏସ୍‌ପିଙ୍କ ପରାମର୍ଶ

■ ନୟାଗଡ଼ରେ ପୋଲିସ ପ୍ରତିଷ୍ଠା ଦିବସ
■ ୬ ପୋଲିସ ଅଧିକାରୀ,କର୍ମଚାରୀ ସମ୍ମାନିତ

ନୟାଗଡ଼,୧ ।୪(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ସମ୍ମିଳିତ ପରେଡ଼ରେ ଅଭିଭାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଏସ୍‌ପି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଏସ୍‌ପି କହିଥିଲେ ଅପରାଧକୁ ରୋକିବା ଓ ଆଇନ ପରିଚାଳନା କରିବା ପୋଲିସର ମୁଖ୍ୟ କାର୍ଯ୍ୟ । ଆଗାମୀ ଭବିଷ୍ୟତରେ ଆମେ ଅଧିକ ତତ୍ପର ହେବା ଓ ଲୋକଙ୍କ ପାଇଁ ନ୍ୟାୟ ବ୍ୟବସ୍ଥାକୁ ଅଧିକ ଉନ୍ନତି କରିବା । ସାଧାରଣ ଲୋକମାନେ ସାହାଯ୍ୟ ପାଇଁ ଆମ ପାଖରେ ପହଞ୍ଚୁଛନ୍ତି ଆମେ ସେମାନଙ୍କ ନିକଟରେ ପହଞ୍ଚିବା। ଯଥାଶୀଘ୍ର ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ କରିବାକୁ କହିଥିଲେ । ସେହିପରି ପୋଲିସ କର୍ମଚାରୀମାନେ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସବଇନ୍ସପେକ୍ଟର ପ୍ରୀତି ପ୍ରକାଶ ମହାନ୍ତି, ଏଏସ୍‌ଆଇ ତାରାକାନ୍ତ


ଏସ୍‌ପି ଏସ୍. ସୁଶ୍ରୀ ସମ୍ମିଳିତ ପରେଡ଼ରେ ଅଭିଭାଦନ ଗ୍ରହଣ କରୁଛନ୍ତି ।

ପଟ୍ଟନାୟକ, ଏପିଆର ହାବିଲଦାର ପ୍ରାଣକୃଷ୍ଣ ସାହୁ, ଓଆର କନ୍‌ଷ୍ଟେବଲ ନିବେଦିତା ମିଶ୍ର, ଟ୍ରାଫିକ କନଷ୍ଟେବଲ ଚିତ୍ତ ରଞ୍ଜନ ପ୍ରଧାନ, ଏପିଆର କନ୍‌ଷ୍ଟେବଲ ଚିତ୍ତ ରଞ୍ଜନ ପ୍ରଧାନ ପ୍ରମୁଖ ୬ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା ମଞ୍ଚରେ ଉପସ୍ଥିତ ଥିବାବେଳେ ନୟାଗଡ଼ ପିଟିଏସ୍ ଅଧ୍ୟକ୍ଷ ଭବେଶ ନାୟକ, ଅତିରିକ୍ତ ଏସ୍‌ପି ସନାତନ କାଲୋ, ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ, ବିଭିନ୍ନ ଥାନାର ଆଇଆଇସି ଓ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଋଣ ନ ମିଳିବାରୁ ବ୍ୟାଙ୍କ ଲୁଟ୍

## କ୍ରାଇମ୍ ସିରିଜ୍ ଦେଖି ଅଳଙ୍କାର ଲୁଟିଥିଲେ, ୬ମାସ ପରେ ବନ୍ଧାହେଲେ

**ବ୍ୟବସାୟ ପାଇଁ ବ୍ୟାଙ୍କରେ ଋଣ ଆବେଦନ କଲେ। ହେଲେ ସିବିଲ ସ୍କୋର ଭଲ ନ ଥିବାରୁ ବ୍ୟାଙ୍କ ଋଣ ଦେବାକୁ ମନା କରିଦେଲା। ପରେ ସମ୍ପର୍କୀୟଙ୍କ ଜରିଆରେ ଋଣ ଆବେଦନ କଲେ। ତାହା ମଧ୍ୟ ଖାରଜ ହୋଇଗଲା। ଏଥିରେ କ୍ରୋଧିତ ହୋଇ କ୍ରାଇମ୍ ସିରିଜ ଏବଂ ୟୁଟ୍ୟୁବ୍‌ରେ ଭିଡିଓ ଦେଖି ବ୍ୟାଙ୍କ ଲୁଟ କରିବାର ଉପାୟ ଶିଖିଲେ। ପରେ ଏକ ୬ଜଣିଆ ଗ୍ୟାଙ୍ଗ କରି ବ୍ୟାଙ୍କରୁ ୧୭କେଜି ଓଜନର ସୁନା ଅଳଙ୍କାର ଲୁଟ କରିନେଲେ। ଲୁଟ ଘଟଣାର ୬ମାସ ପରେ ଏବେ ଏହାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ଜଣଙ୍କୁ କର୍ନାଟକ ପୋଲିସ ଗିରଫ କରିବା ସହ ଲୁଟ୍ ଅଳଙ୍କାର ଜବତ କରିଛି।**



**ବେଙ୍ଗାଲୁରୁ(କର୍ନାଟକ), ୧।୪**

କର୍ନାଟକ ଦେବନଗରୀ ଜିଲାର ନ୍ୟାମାଥିରେ ବିଜୟ କୁମାର ନାମକ ଜଣେ ବ୍ୟକ୍ତି ଏକ କେକ୍ ଏବଂ ମିଠା ଦୋକାନ ଦେଇଛନ୍ତି। ୨୦୨୩ ମାର୍ଚ୍ଚରେ ସେ ବ୍ୟବସାୟ ପାଇଁ ସ୍ଥାନୀୟ ଏସ୍‌ବିଆଇ ବ୍ୟାଙ୍କରେ ୧୫ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କର ସିବିଲ ସ୍କୋର ଠିକ୍ ନ ଥିବାରୁ ବ୍ୟାଙ୍କ ଉକ୍ତ ଋଣ ଆବେଦନକୁ ଖାରଜ କରିଦେଇଥିଲା। ପରେ ବିଜୟ ତାଙ୍କ ସମ୍ପର୍କୀୟଙ୍କ ନାମରେ ଆବେଦନ କରିଥିଲେ ସୁଦ୍ଧା ତାହା ମଧ୍ୟ ଖାରଜ ହୋଇଯାଇଥିଲା। ବାରମ୍ବାର ଋଣ ଆବେଦନ ଖାରଜ ହୋଇଯିବାରୁ ସେ ରାଗିଯାଇ ବ୍ୟାଙ୍କ ଲୁଟ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଙ୍କ ଲୁଟ୍ କରିବା ପାଇଁ ସେ 'ମନି ହେଷ୍ଟ' କ୍ରାଇମ୍ ସିରିଜ୍ ବାରମ୍ବାର ଦେଖିଥିଲେ। ଏପରି କି ୟୁଟ୍ୟୁବରେ ବିଭିନ୍ନ ଭିଡିଓ ଦେଖିଥିଲେ। ପରେ ଏକ ଗ୍ୟାଙ୍ଗ ଗଠନ କରି ଚୋରି ଯୋଜନା କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୬ମାସ ଲାଗିଥିଲା। ୨୦୨୪ ଅକ୍ଟୋବର ୨୮ରେ ବିଜୟ ଏବଂ ତାଙ୍କ ଗ୍ୟାଙ୍ଗ ପୂର୍ଣ୍ଣ ଯୋଜନାବଦ୍ଧ ଅନୁସାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ନ୍ୟାମାଥି ଶାଖାରୁ ଲୁଟ୍ କରିଥିଲେ। ବ୍ୟାଙ୍କର ଝରକା ଭାଙ୍ଗି ବ୍ୟାଙ୍କ ଭିତରେ ପଶିବା ପରେ କଟର ସାହାଯ୍ୟରେ ଲକର ଭାଙ୍ଗି ପ୍ରାୟ ୧୭କେଜି ଓଜନ(୧୩କୋଟି ଟଙ୍କା) ସୁନା ଅଳଙ୍କାର ଲୁଟି ନେଇଥିଲେ। ସେମାନେ ସିସିଟିଭି କ୍ୟାମେରାକୁ ଭାଙ୍ଗିବା ସହ ଡିଭିଆର୍‌କୁ ନେଇଯାଇଥିଲେ। ଏପରି କି ଡଗ୍ ସ୍କ୍ୱାଡ୍‌ର ତଦନ୍ତକୁ ବାଟବଣା କରିବା ପାଇଁ ଗଲାବେଳେ ଲଙ୍କାଗୁଣ୍ଡ ଫୋପାଡ଼ି ଯାଇଥିଲେ ବୋଲି ପୋଲିସ କହିଛି। ଏହା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର କାର୍ଯ୍ୟ ବୋଲି ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ପରେ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ପୋଲିସ ବିଜୟ ଏବଂ ତାଙ୍କ ଗ୍ୟାଙ୍ଗ ଉପରେ ସନ୍ଦେହ କରିଥିଲା। ୬ଟି ପୋଲିସ ଟିମ୍ ୫ମାସ ବିଭିନ୍ନ ଛାନଭିନ୍ କଲାପରେ ସୋମବାର ବିଜୟଙ୍କ ସମେତ ୬ଜଣ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ, ଅଜୟ କୁମାର, ପରମାନନ୍ଦ, ଅଭିଷେକ, ଚନ୍ଦୁ ଏବଂ ମଞ୍ଜୁନାଥ। ସେମାନଙ୍କ ମଧ୍ୟରୁ ବିଜୟ, ଅଜୟ ଏବଂ ପରମାନନ୍ଦ ତାମିଲନାଡୁ ବାସିନ୍ଦା ହୋଇଥିବାବେଳେ ଅନ୍ୟ ୩ଜଣ ଦେବନଗରୀ ଜିଲାର ବୋଲି ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କଠାରୁ ବହୁ ସୁନା ଅଳଙ୍କାର ଜବତ କରାଯାଇଛି।

# ଡାକ୍ତରଙ୍କ ଘରୁ ଚୋରି ମାମଲାରେ ୬ ଗିରଫ

**ଯାଜପୁରରୋଡ୍,୧।୪**
**(ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁରରୋଡ୍ ଥାନା ସୋବରା ପ୍ରଶାନ୍ତି ବିହାରର ଜଣେ ଡାକ୍ତରଙ୍କ ଘରୁ ଚୋରି ଘଟଣାରେ ପୋଲିସ ୩ଜଣ ପୁରୁଷ ଓ ୩ ଜଣ ମହିଳାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ଏଥିସହିତ ସେମାନଙ୍କ ନିକଟରୁ ପ୍ରାୟ ୪୫୦ ଗ୍ରାମ ସୁନା ଏବଂ ରୁପା ଅଳଙ୍କାର, ଏକ ମୋବାଇଲ ଫୋନ, ଚୋରିରେ ବ୍ୟବହୃତ ଯନ୍ତ୍ରପାତି ଏବଂ ୨ ବାଇକକୁ ପୋଲିସ ଜବତ କରିଛି। ଜବତ ସୁନା ଅଳଙ୍କାରର ମୂଲ୍ୟ ୭୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ

### ୭୦ ଲକ୍ଷ ଟଙ୍କାର ସୁନାଗହଣା ଜବତ

ଅଭିଯୁକ୍ତ ହେଲେ ଏହି ଥାନା ବ୍ୟାସନଗର ସହର ସପଗାଡ଼ିଆ ଅଞ୍ଚଳର ସୁରେଶ ପାତ୍ର (୩୪), ଲକ୍ଷ୍ମୀନଗର ହୁଡ଼ିସାହିର ଚଗଲା ପାତ୍ର (୪୫), ଚଗଲାଙ୍କ ପ୍ରଥମ ସ୍ତ୍ରୀ କେତକୀ ପାତ୍ର(୨୮) ଓ ଦ୍ୱିତୀୟ ସ୍ତ୍ରୀ ସନ୍ଧ୍ୟା ପାତ୍ର (୨୭), ସୁରେଶଙ୍କ ସ୍ତ୍ରୀ ହୀନା ପାତ୍ର(୩୦) ଏବଂ ଉକ୍ତ ଚୋରି ସୁନା କିଣିଥିବା କୁଆଖିଆ ଥାନା ବାଉଁଶକଣ୍ଠା ଗ୍ରାମର ଗହଣା ଦୋକାନୀ ପ୍ରତାପ ଦାସ(୪୫)। ମଙ୍ଗଳବାର ଅପରାହ୍ନରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଯାଜପୁରରୋଡ୍ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୧୮ରେ ସୋବରା ପ୍ରଶାନ୍ତି ବିହାରର ଡାକ୍ତର ଚନ୍ଦ୍ରମଣି କରଙ୍କ ଘରେ କେହି ନ ଥିଲେ। ଏହି ସୁଯୋଗରେ ଅଭିଯୁକ୍ତମାନେ ଲୁହା ରଡ୍ ଏବଂ ସ୍ଲାଏ ରେଞ୍ଚ ସାହାଯ୍ୟରେ ତାଙ୍କ କବାଟ ଭାଙ୍ଗି ଘରେ ପଶି କଳାକାନ ବୁଲାଇଥିଲେ। ଏ ସମ୍ପର୍କରେ ଥାନାରେ ଘର ମାଲିକ ସେହିଦିନ ଅଭିଯୋଗ କରିଥିଲେ। ଏସ୍‌ପି ଶ୍ରୀମଲଙ୍କ ତତ୍ତ୍ୱାବଧାନରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଅଭିଯୁକ୍ତମାନଙ୍କ ମୋବାଇଲ ନମ୍ବର ଟ୍ରାକ୍ କରି ମଙ୍ଗଳବାର ଭୋର ୫ଟାରେ ସାପଗାଡ଼ିଆ ଓ ଲକ୍ଷ୍ମୀନଗର ଅଞ୍ଚଳରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା।

୨ ଅଭିଯୁକ୍ତ ଗିରଫ ହେବାପରେ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହାପରେ ଚୋରି ଗହଣା କିଣିଥିବା ଯାଜପୁରରୋଡ୍ ସହର ନ୍ୟୁ ମାର୍କେଟରେ ସୁନାଦୋକାନ କରିଥିବା ପ୍ରତାପଙ୍କୁ ପୋଲିସ ଗିରଫ କରିବା ସହ ଚୋରି ଅଳଙ୍କାର ତାଙ୍କଠାରୁ ଜବତ କରିଥିଲା। ଚନ୍ଦ୍ରମଣିଙ୍କ ଘରେ ପୂର୍ବରୁ କାମ କରୁଥିବା ଚଗଲାଙ୍କ ୨ ସ୍ତ୍ରୀ କେତକୀ ଓ ସନ୍ଧ୍ୟା ଏବଂ ସୁରେଶଙ୍କ ସ୍ତ୍ରୀ ହୀନା ଏଥିରେ ସହଯୋଗ କରିଥିଲେ।

# ନିର୍ମାଣାଧୀନ କୋଠା ତଳୁ ମିଳିଲା ଛାତ୍ରଙ୍କ ମୃତଦେହ

**ଭୁବନେଶ୍ୱର,୧।୪**
**(ସତ୍ୟଜିତ୍ ରାଉତ)**

କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣକ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ଅର୍ଣ୍ଣବ ମୁଖାର୍ଜୀ(୨୧)। ସେ ବି.ଟେକ୍ ତୃତୀୟ ବର୍ଷର ଛାତ୍ର ହୋଇଥିବାବେଳେ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଭୁବନେଶ୍ୱର ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ନିକଟ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ନିର୍ମାଣାଧୀନ ୯ ମହଲା କୋଠା ତଳୁ ସୋମବାର ସନ୍ଧ୍ୟାରେ କ୍ଷତାକ୍ତ ଅବସ୍ଥାରେ ଅର୍ଣ୍ଣବଙ୍କ ମୃତଦେହକୁ ଠାବ କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଛି। ତେବେ ଡାକ୍ତରଙ୍କ ଏମ୍‌ଏଲ୍‌ସି (ମେଡିକୋ ଲିଗାଲ କେସ୍) ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଏକ ଅପମୃତ୍ୟୁ (ନଂ.୪୧/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅର୍ଣ୍ଣବଙ୍କ ହଠାତ୍ ଏଭଳି ରହସ୍ୟଜନକ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ତାଙ୍କୁ ହତ୍ୟା କରାଯାଇଛି ନା ସିଏ ନିଜେ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। କମିଶନରେଟ୍ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। କିଟ୍ କଲେଜଠୁ ନେଇ ଘଟଣାସ୍ଥଳ ପର୍ଯ୍ୟନ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ ସହ



- **କିଟ୍ ବିଶ୍ୱବିଦ୍ୟାଳୟରେ ବିଟେକ୍ ପଢୁଥିଲେ**
- **ମୋବାଇଲ ମିଳୁ ନ ଥିବାରୁ ବଢ଼ାଉଛି ରହସ୍ୟ**
- **ହତ୍ୟା ନା ଆତ୍ମହତ୍ୟା, କାରଣ ଅସ୍ପଷ୍ଟ**

ଏକାଧିକ ସହପାଠୀଙ୍କୁ ଅର୍ଣ୍ଣବଙ୍କ ବିଷୟରେ ପଚରାଉଚରା କରି ପୋଲିସ ଛାନ୍‌ଭିନ୍ ଚଳାଇଛି।

ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ ବେଳେ ଅର୍ଣ୍ଣବ ଉକ୍ତ କୋଠା ତଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ। ସେତେବେଳେ ଅର୍ଣ୍ଣବ କଳାରଙ୍ଗର ହାଫ୍ ଶାର୍ଟ ସହ ଏକ ମାଟିଆ ରଙ୍ଗର ଟ୍ରାଉଜର ପିନ୍ଧିଥିଲେ। ସୁରକ୍ଷାକର୍ମୀ ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ପରେ ମଞ୍ଚେଶ୍ୱର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅର୍ଣ୍ଣବଙ୍କ ପାଖରେ କୌଣସି ପରିଚୟ ପତ୍ର ନ ଥିବାରୁ ପୋଲିସ ସମସ୍ୟାରେ ପଡ଼ିଥିଲା। ପରେ ମଙ୍ଗଳବାର ସକାଳେ ଅର୍ଣ୍ଣବ କିଟ୍ ଛାତ୍ର ବୋଲି ଜଣାପଡ଼ିଥିଲା। ତେବେ ଉକ୍ତ ୯ ମହଲା କୋଠା ସହ ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ ବହୁବାର ଯାଞ୍ଚ କରାଯାଇଥିଲେ ମଧ୍ୟ ଅର୍ଣ୍ଣବଙ୍କ ମୋବାଇଲ ଠାବ ହୋଇପାରିନାହିଁ, ଯାହାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ତେବେ ପୋଲିସ ପକ୍ଷରୁ ଅର୍ଣ୍ଣବଙ୍କ ମୋବାଇଲର କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଗାଯାଇଛି। ସେପଟେ ପୋଲିସ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଅର୍ଣ୍ଣବଙ୍କ ଅଭିଭାବକଙ୍କ ମୋବାଇଲ ନମ୍ବର ନେଇ ଯୋଗାଯୋଗ କରିଛି। ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ଅର୍ଣ୍ଣବଙ୍କ ବ୍ୟବଚ୍ଛେଦ କରାଯିବ। ଖବର ଲେଖାହେବା ଯାଏ ଅର୍ଣ୍ଣବଙ୍କ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି ନ ଥିବା ଜଣାପଡ଼ିଛି।

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତ୍‌ସିଂହପୁର**
**ବିଜ୍ଞାପନ**
ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତ୍‌ସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମଠାରେ ପାଳନ କରାଯାଉଅଛି। ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି।
ଏହି କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ଜଗତ୍‌ସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।
ସ୍ୱା./- ଶ୍ରୀଯୁକ୍ତ କେ.ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଜଗତ୍‌ସିଂହପୁର

# ରାତିକରେ ୫ ଘରୁ ସୁନାଗହଣା, ଟଙ୍କା ନେଇଗଲେ

**ବ୍ରହ୍ମପୁର,୧।୪**
**(ସୁବାସ ଚନ୍ଦ୍ର ପାଢ଼ୀ)**

ସହରରେ ଚୋର ଦଳ ସକ୍ରିୟ ହୋଇ ଉଠିଛନ୍ତି। ରାତିକରେ ୫ଟି ଘରେ ସେମାନେ କଳାକାନା ବୁଲାଇଛନ୍ତି। ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଟି ନିକଟ ଟେକ୍ନୋପାର୍କ ହାଉସିଂ ଅଞ୍ଚଳରେ ସେମାନେ ଏହି ଚୋରି କରିଥିବା ଅଭିଯୋଗ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡିଛି, ହାଉସିଂ ଅଞ୍ଚଳରେ ଅନେକ ଆପାର୍ଟମେଣ୍ଟ ରହିଛି। ଏଗୁଡିକରେ ଅନେକ ପରିବାର ବସବାସ କରୁଛନ୍ତି। ସୋମବାର ରାତିରେ ଆପାର୍ଟମେଣ୍ଟରେ ଲୋକମାନେ ନିଜ ନିଜ ଫ୍ଲାଟରେ ଶୋଇଥିଲେ। ଏହି ସମୟରେ ଚୋର ଦଳ ଘରଗୁଡିକରେ ପଶି ଚୋରି କରିଥିଲେ। ସେମାନେ ହିମାଂଶୁ ଶେଖର ସାହୁ, ଲକ୍ଷ୍ମୀ ନାରାୟଣ ନାୟକ, ଟୁନା ବାବୁ, ସୀମାଞ୍ଚଳ ପାଢୀ ଓ ସନ୍ତୋଷ ମିଶ୍ରଙ୍କ ଘରେ ପଶି ଚୋରି କରିଛନ୍ତି। ଏହି ୫ ବ୍ୟକ୍ତିଙ୍କ ଘରୁ ନଗଦ ଲକ୍ଷାଧିକ ଟଙ୍କା ଓ ବହୁ ପରିମାଣର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ ୨ ଜଣ ବ୍ୟକ୍ତିଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଚୋରମାନେ ବିଫଳ ହୋଇଛନ୍ତି। ସକାଳୁ ସମ୍ପୃକ୍ତ ଲୋକମାନେ ଉଠି ଦେଖିବା ବେଳକୁ ସେମାନଙ୍କ ଘରର କବାଟ ଖୋଲା ରହିଥିଲା। ପରେ ସେମାନଙ୍କ ଘରୁ ନଗଦ ଟଙ୍କା, ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା। ପୋଲିସ ବିଭିନ୍ନ ସ୍ଥାନରୁ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPENINGS**
1. Welder/Fitter - 1 No. (Minimum 2 years experience required) to be employed in factory near Khordha.
2. Quality Control Engineer - 1 No. (Diploma/Engineer preferably Civil)
Contact No
9778363834 / 9861175019

**WANTED**
For Bhubaneswar Marketing Professionals - 10 Nos. (Male/Female), Delivery Executive - 05 Nos. (Male/Female)
BP TRADING & CO
Mob : 9439638972

**ଆବଶ୍ୟକ**
କଟକରେ ପ୍ରତିଷ୍ଠିତ ଲଣ୍ଡ୍ରିରେ କାମ କରିବା ପାଇଁ ଧୋବା କାରିଗର ତଥା ଆଇରନ୍ ଓ ଲୁଗା ସଫା କରିବା ଦରକାର, ରହିବା ସୁବିଧା ଦିଆଯିବ।
ଯୋଗାଯୋଗ
9337171115

**ଢଗଢମାଳି**
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିର ପାଣି ପଥର କାଟେ**
**ବାଆ ପାଣି ମୁହଁକୁ ଛାଟେ।**

ଯେତେ ଟାଣ ପଥର ହେଲେ ବି ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। ସେହିପରି ବର୍ଷାପାଣି ଦେହ ମୁହଁକୁ ଛାଟିଥାଏ ବା ଓଦା କରିଦେଇଥାଏ। ତେଣୁ ଧୀରେ ସୁସ୍ଥେ ସବୁ ଖିଆଲକୁ ନେଇ କାମ କରିବା ଉଚିତ୍ ହୋଇଥାଏ। ବିବ୍ରତ ହୋଇ କାମ କଲେ କୌଣସି ସୁଫଳ ମିଳି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଥାଳେଇ ଯିବ**
**ମାଳେଇ ଯିବା।**

ଛୋଟ ଉପାଦାନରୁ ବଡ଼ ଉପାଦାନ ପର୍ଯ୍ୟନ୍ତ ବିନା ହିସାବରେ ବିନିର୍ବ୍ୟୟ ହୋଇଯିବା। ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବା ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭଡ଼ା ଘରେ ସେକ୍ସ ର୍‌ୟାକେଟ୍, ୩ ଗିରଫ



ଉଦ୍ଧାର ହୋଇଥିବା ଯୁବତୀ।

**ରାଉରକେଲା,୧।୪(ଦିନେଶ ମିଶ୍ର)**

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ଥିବା ଏକ ଭଡ଼ାଘରେ ଚାଲିଥିବା ସେକ୍ସ ର୍‌ୟାକେଟ୍‌କୁ ପୋଲିସ ମଙ୍ଗଳବାର ଠାବ କରିଛି। ଏହି ଘଟଣାରେ ପୋଲିସ ଜଣେ ଗ୍ରାହକଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଏଥିସହ ଦେହ ବ୍ୟବସାୟରେ ଲିପ୍ତ ୫ ଯୁବତୀଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାହକ ଉମେଶ ବିଶ୍ୱାଳ(୩୬) ଏବଂ ସେକ୍ସ ର୍‌ୟାକେଟ ଚଳାଉଥିବା ଉପେନ୍ଦ୍ର ବିଶ୍ୱାଳ(୭୫) ଓ ଜ୍ୟୋତ୍ସ୍ନା ବିଶ୍ୱାଳ(୬୬)। ସେମାନଙ୍କଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (୫୦/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ଜଗଦା ଅଞ୍ଚଳରେ ଏକ ଘର ଭଡ଼ାରେ ନେଇ ସେଠାରେ କିଛିଦିନ ହେବ ସେକ୍ସ ର୍‌ୟାକେଟ୍ ଚଳାଇ ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ଝିରପାଣି ଥାନା ପୋଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ମଙ୍ଗଳବାର ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପୋଲିସ ଘର ଭିତରେ ଅସଂଯତ ଅବସ୍ଥାରେ ଥିବା ୫ ଯୁବତୀଙ୍କୁ ଉଦ୍ଧାର କରିଥିଲା। ପରେ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚଢ଼ାଉରେ ଝିରପାଣି ଥାନାଧିକାରୀ ପ୍ରଦୀପ ନାୟକ, ଏସ୍‌ଆଇ ଏସ୍.ଏନ୍. ଆପଟ୍ଟ, ଏସ୍. ବାରୁଆ, ଏସ୍. ନାୟକ, ଜୋ, ଜୋଜୋ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗିରଫ ଅଭିଯୁକ୍ତମାନେ ପୂର୍ବରୁ ଦେହ ବ୍ୟବସାୟରେ ଗିରଫ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

**୫ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ**

# ୨ ଅଭିଯୁକ୍ତ ଗିରଫ, ଫେରାରଙ୍କୁ ଚାଲିଛି ଖୋଜା

**ଭୁବନେଶ୍ୱର,୧।୪**
**(ସତ୍ୟଜିତ୍ ରାଉତ)**

ପୈତୃକ ଘରକୁ ନେଇ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ବନଦୁର୍ଗା ବସ୍ତିରେ ଗଣ୍ଡଗୋଳବେଳେ ପୋଲିସ ଉପରକୁ ଆକ୍ରମଣ ଓ ପିସିଆର୍ ଭଙ୍ଗାରୁଜା ଘଟଣାରେ ପୋଲିସ ୨ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଆମ୍ବେଡକର ସାହିରେ ରହୁଥିବା ନୟାଗଡ଼ ଜିଲା ରଣପୁର ତେଲିପାଟଣା ଗ୍ରାମର ଦୀପୁ ଓରଫ ଦେବବ୍ରତ ନାୟକ (୨୭) ଓ ବନଦୁର୍ଗା ସାହିରେ ରହୁଥିବା ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅଞ୍ଚଳର ବିଦେଶୀ ନାୟକ (୪୦)। ମାମଲା (ନଂ.୧୬୨/୨୦୨୫)ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଫେରାର ଥିବା ପ୍ରାୟ ୨୦ଜଣ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।

ସୂଚନାଯୋଗ୍ୟ, ରବିବାର ରାତିରେ ବଡ଼ଭାଇ ସୂର୍ଯ୍ୟ ମହାରଣା ପୁଅ, ସ୍ତ୍ରୀ ଓ ସମ୍ପର୍କୀୟଙ୍କ ସହାୟତାରେ ସାନଭାଇ ଅଶୋକଙ୍କୁ ଖଣ୍ଡାରେ ହାଣିଥିଲେ। ଏଥିରେ ଅଶୋକ ଗୁରୁତର ହୋଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କଲାବେଳେ ସ୍ଥାନୀୟଲୋକମାନେ ତାତି ଉଠିଥିଲେ। ଅଭିଯୁକ୍ତଙ୍କୁ ନିଜେ ଶାସ୍ତି ଦେବାକୁ ଯାଇ ସେମାନେ ପୋଲିସ ଟିମ୍‌କୁ ଆକ୍ରମଣ କରିବା ସହ ପିସିଆର୍ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅତିରିକ୍ତ ଆଇଆଇସି ମାଧବ ବସ୍ତିଆ, ଏଏସ୍‌ଆଇ ସଂଘମିତ୍ରା କର ଓ ପିସିଆର୍ ଡ୍ରାଇଭର କାର୍ତ୍ତିକ ବେହେରା ଆହତ ହୋଇଥିଲେ। ତେବେ ଅଶୋକଙ୍କୁ ଖଣ୍ଡା ଚୋଟ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟ, ସ୍ତ୍ରୀ ଆରତିଙ୍କ ସମେତ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ବେଳେ ସେମାନେ ଏବେ ଜେଲ୍‌ରେ ଅଛନ୍ତି।

**ଭରତପୁରରେ ପୋଲିସଙ୍କୁ ଆକ୍ରମଣ, ପିସିଆର୍ ଭଙ୍ଗାରୁଜା ଘଟଣା**

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୦, ତାରିଖ: ୨୮।୦୩।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ.- ୧। ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୦-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଡିଇଏନ୍(ଏଚ୍‌କ୍ୟୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆରଡିଏସ୍‌ଓ ଦ୍ୱାରା ଅନୁମୋଦିତ ଏବଂ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହିତ ୱେଲ୍‌ଡିଂ ଇନ୍-ସିଟୁ ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ ରେଲ୍ (୨୩୪୬ ଗୋଟି ଜଏଣ୍ଟ) ଏବଂ ୬୦ କିଗ୍ରା/୬୦ଇଆଇ-ଆର୍‌୨୬୦ ଗ୍ରେଡ୍ ରେଲ୍ (୨୪୬୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍‌ଡିଂ ଅଂଶର ବିନିର୍ମାଣ ଓ ଯୋଗାଣ (ମୋଟ ୪୮୦୯ ଜଏଣ୍ଟ)। ଟେଣ୍ଡର ମୂଲ୍ୟ: ₹୧,୦୮,୭୨,୨୪୦.୧୦। ଇଏମ୍‌ଡି: ₹୨,୦୪,୪୦୦। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ। କ୍ର.ସଂ.- ୨। ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୧-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ମଣ୍ଡଳରେ (୧) ସ୍କ୍ରାପ୍ ୟାର୍ଡ ଖଡ଼ଗପୁର, (୨) ଟ୍ରାଫିକ୍ ସେଟଲମେଣ୍ଟ ଖଡ଼ଗପୁର ଏବଂ (୩) ଶାଲିମାର ଗଙ୍ଗା ପ୍ରାନ୍ତଠାରେ ଅତି ପୁରୁଣା/ଭଗ୍ନ ଷ୍ଟିଲ୍ ଟାଙ୍କିଗୁଡ଼ିକୁ ଆର୍‌ସିସି ଓଭରହେଡ୍ ଟାଙ୍କି (୧,୦୦,୦୦୦ ଗ୍ୟାଲନ୍ କ୍ଷମତା) ଦ୍ୱାରା ପ୍ରତିବଦଳ କରିବା (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୪,୨୩,୭୧,୦୬୩.୯୭। ଇଏମ୍‌ଡି: ₹୩,୬୧,୯୦୦। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ। କ୍ର.ସଂ.- ୩। ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୨-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ତାମଲୁକ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ପଂସକୁରା - ହଳଦିଆ ଏବଂ ତାମଲୁକ୍ - ଦିଘା ସେକ୍ସନରେ ନଦୀବନ୍ଧ ଏବଂ କାନଭାସ୍ ଡ୍ରେନ୍ - ୧୦୨୦୮ର ସୁଦୃଢ଼ୀକରଣ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୨୯,୨୧,୬୨,୭୭୯.୮୨। ଇଏମ୍‌ଡି: ₹୧୬,୧୦,୮୦୦। କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ। କ୍ର.ସଂ.- ୪। ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୩-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏସ୍‌ଏସ୍‌ଇ (ପି.ୱେ)/କାନ୍ଥିଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ୍ - ଦିଘା ସେକ୍ସନ ମଧ୍ୟରେ ଟ୍ରାକ୍‌ର ରକ୍ଷଣାବେକ୍ଷଣ ବାବଦରେ ବିବିଧ ପି.ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୦୪,୬୨,୩୧୮.୮୯। ଇଏମ୍‌ଡି: ₹୨,୦୨,୩୦୦। କାର୍ଯ୍ୟର ସମାପ୍ତି ଅବଧି: ୦୮ ମାସ। କ୍ର.ସଂ.- ୫। ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୨୮-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଡିଇଏନ୍/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା - ଖଡ଼ଗପୁର ସେକ୍ସନରେ ଥ୍ରୁ ସ୍ଲିପର୍ ନବୀକରଣ (ପ୍ରାଥମିକ) ଅର୍ଥାତ୍ ଟିଏସ୍‌ଆର୍(ପି)- ୨୯.୬୧୭ ଟିକେଏମ୍ କାର୍ଯ୍ୟର ନିର୍ବାହ। ଟେଣ୍ଡର ମୂଲ୍ୟ: ₹୫,୭୮,୫୩,୪୫୧.୦୫। ଇଏମ୍‌ଡି: ₹୪,୩୯,୩୦୦। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ। କ୍ର.ସଂ.- ୬। ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୨୯-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଶାଲିମାରଠାରେ ବିଦ୍ୟମାନ ଏଆର୍‌ଏମ୍ ବିଲ୍‌ଡିଂକୁ ୬୦ ଶଯ୍ୟା ବିଶିଷ୍ଟ ରନିଂ ରୁମ୍‌ରେ ପରିବର୍ତ୍ତନ ଏବଂ ନବୀକରଣ କରିବା। ଟେଣ୍ଡର ମୂଲ୍ୟ: ₹୩,୩୧,୨୪,୧୬୫.୨୬। ଇଏମ୍‌ଡି: ₹୩,୧୫,୬୦୦। କାର୍ଯ୍ୟର ସମାପ୍ତି ଅବଧି: ୦୯ ମାସ। କ୍ର.ସଂ.- ୭। ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୩୦-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଡିଇଏନ୍/ଇଷ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସାନ୍ତ୍ରାଗାଛିଠାରେ ପୁରୁଣା ଏଫ୍‌ଓବିକୁ ଭାଙ୍ଗିବା କାର୍ଯ୍ୟର ନିର୍ବାହ। ଟେଣ୍ଡର ମୂଲ୍ୟ: ₹୩୫,୧୭,୫୨୮.୨୪। ଇଏମ୍‌ଡି: ₹୭୦,୪୦୦। କାର୍ଯ୍ୟର ସମାପ୍ତି ଅବଧି: ୦୬ ମାସ। କ୍ର.ସଂ.- ୮। ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୧୬-୨୦୨୫। କାର୍ଯ୍ୟର ବର୍ଣ୍ଣନା: ବରିଷ୍ଠ ଡିଇଏନ୍(ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ଥ୍ରୁ ବାଲାଷ୍ଟ ନବୀକରଣ ଅର୍ଥାତ୍ ୫୯.୮୨୦ ଟିଆର୍ କିମି ଏବଂ ୧୦ ପିଟି. ଓ ଜିଙ୍ଗସ କାର୍ଯ୍ୟ ନିର୍ବାହ (୩ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୫,୭୧,୨୨,୭୬୬.୨୯। ଇଏମ୍‌ଡି: ₹୪,୩୫,୬୦୦। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ। କ୍ର.ସଂ.- ୯। ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୧୩-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା - ଗୋକୁଳପୁରା ସେକ୍ସନରେ ଏଲ୍‌ସି ନଂ. କେୱାଇ-୧୨ର ଇଣ୍ଟରଲକିଂ ସଂକ୍ରାନ୍ତରେ ୦୧ ଗୋଟି ଗେଟ୍ ଗୁମ୍‌ଟିର ନିର୍ମାଣ (ଯେଉଁଥିରେ ୪.୨ ମି x ୩.୧ ମି, ୩.୨ ମି x ୩.୧ ମି, ୨.୫ ମି x ୩.୧ ମି ଆକାରର ୩ଟି କୋଠରୀ ରହିବ)। ଟେଣ୍ଡର ମୂଲ୍ୟ: ₹୧୮,୪୨,୩୨୫.୦୮। ଇଏମ୍‌ଡି: ₹୩୬,୯୦୦। କାର୍ଯ୍ୟର ସମାପ୍ତି ଅବଧି: ୦୬ ମାସ। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୦ (ପ୍ରତ୍ୟେକ କ୍ର.ସଂ. ୧ରୁ ୯ ପାଇଁ)। ଖୋଲାଯିବା ତାରିଖ: ୧୫।୦୪।୨୦୨୫ (କ୍ର.ସଂ. ୧ ପାଇଁ), ୧୭।୦୪।୨୦୨୫ (ପ୍ରତ୍ୟେକ କ୍ର.ସଂ. ୨ରୁ ୭ ପାଇଁ), ୨୧।୦୪।୨୦୨୫ (କ୍ର.ସଂ. ୮ ପାଇଁ) ଏବଂ ୨୮।୦୪।୨୦୨୫ (କ୍ର.ସଂ. ୯ ପାଇଁ)। ବିଡିଂ ଆରମ୍ଭ ତାରିଖ: ୦୧।୦୪।୨୦୨୫ଠାରୁ ୧୫।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ), ୦୩।୦୪।୨୦୨୫ଠାରୁ ୧୭।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୨ରୁ ୭ ପାଇଁ), ୦୭।୦୪।୨୦୨୫ଠାରୁ ୨୧।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୮ ପାଇଁ), ୧୪।୦୪।୨୦୨୫ଠାରୁ ୨୮।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୯ ପାଇଁ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-04)

## ସଂକ୍ଷେପରେ

### ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ଚାଳକ ମୃତ

ରସୁଲପୁର,୧।୪(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଛି। ଫଳରେ ଟ୍ରାକ୍ଟର ଡାଲା ତଳେ ଚାପିହୋଇ ଚାଳକ ନିମାଇଁ ମଲିକ(୧୯) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଆ ଅଞ୍ଚଳର ନିମାଇଁ ଗତ କିଛି ମାସ ହେବ ରସୁଲପୁର ବ୍ଲକର ଅର୍ଥଗାଁ ପଞ୍ଚାୟତରେ ରହୁଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ନେଇ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୂଳାପାଳ ଛକକୁ କୋଇଲା ଆଣିବାକୁ ଯାଉଥିଲେ। ବାଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ନିମାଇଁ ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ଏଏସ୍ଆଇ ସସ୍ମିତା ମଙ୍ଗରାଜ ସମ୍ମାନିତ

ବିଞ୍ଝାରପୁର,୧।୪(ରାମକୃଷ୍ଣ ଦାସ): ବିଞ୍ଝାରପୁର ଥାନାରେ କାର୍ଯ୍ୟରତ ଏଏସ୍ଆଇ ସସ୍ମିତା ମଙ୍ଗରାଜଙ୍କୁ ଓଡ଼ିଶା ଦିବସ ଅବସରରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ସମ୍ମାନିତ କରିଛନ୍ତି। ଜିଲାସ୍ତରୀୟ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏଏସ୍ଆଇ ସସ୍ମିତା ଜନସମ୍ପର୍କ ସୃଷ୍ଟି କରିବା, ବୃତ୍ତିଗତ ପାରିଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ଦ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ, ଦଳଗତ କାର୍ଯ୍ୟ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉନ୍ନତି ଆଣିବା ସହିତ ଥାନାକୁ ଶ୍ରେଷ୍ଠ ଥାନା ଭାବରେ ପହଞ୍ଚାଇ ପୁରସ୍କାର ପାଇ ପୋଲିସର ଭାବମୂର୍ତ୍ତିକୁ ବହୁ ଉଚ୍ଚରେ ପହଞ୍ଚାଇଛନ୍ତି। ଆରକ୍ଷୀ ଅଧୀକ୍ଷକ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି।

### ଶିକ୍ଷକତା ହେଉଛି ସଂକଳ୍ପ, ସାଧନାର ଜୀବନ

ରଗଡ଼ି,୧।୪(ଜତିଶ କୁମାର ମଲ୍ଲିକ): ଶିକ୍ଷକ ସର୍ବଦା ଆମର ନମସ୍ୟ। ସେମାନଙ୍କ ତ୍ୟାଗ ଓ ପରିଶ୍ରମ ଦେଶର ଭବିଷ୍ୟତ ଗଠନ କରେ। ତେଣୁ ଶିକ୍ଷକତା ହେଉଛି ଏକ ସଂକଳ୍ପ ଓ ସାଧନାର ଜୀବନ। କୋରେଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ପରମାନନ୍ଦପୁର କ୍ଲଷ୍ଟର ଅନ୍ଧାରୀ ପଞ୍ଚାୟତ କିଆପଦା ସରକାରୀ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଏହି ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସିଆରସିସି ମନୋଜ କୁମାର ଚକ୍ରଙ୍କ ସଭାପତିତ୍ୱରେ ସୋମବାର ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତା ପୂର୍ବତନ ବିଆରସିସି ମଦନ ମୋହନ କର, ସମ୍ମାନିତ ଅତିଥି ଶିକ୍ଷାବିତ ଇନ୍ଦ୍ରମଣି ମହାକୁଡ଼, ଲକ୍ଷ୍ମୀଧର ମହାକୁଡ଼, କୁଳମଣି ଦାସ, ହରିହର ଦାସ ଓ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ଯୋଗଦେଇଥିଲେ।

# ଥଇଥାନ, କ୍ଷତିପୂରଣ ଦାବି ଜୋର ଧରିଲା

**ପାଣିକୋଇଲି ପୂର୍ତ୍ତ ବିଭାଗର ଖଣ୍ଡରା-ବନ୍ଧମୁଣ୍ଡା ରାସ୍ତା**

- ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ
- ଅଧିକାରୀଙ୍କ ସହଯୋଗରେ ଅନିୟମିତତା

ଯାଜପୁର/ଯାଜପୁରସଦର, ୧।୪ (ହର୍ଷବର୍ଦ୍ଧନ ବେହେରା/ ସମର ବିଜୟ ଶରଣ):


ଖଣ୍ଡରା– ବନ୍ଧମୁଣ୍ଡା ରାସ୍ତା।

ଗମନାଗମନ ପାଇଁ ରାସ୍ତା ଉନ୍ନତିକରଣର ଆବଶ୍ୟକତା ରହିଛି। ହେଲେ ଥଇଥାନ କରି ଉପଯୁକ୍ତ କ୍ଷତିପୂରଣ ଦେବା ପରେ ଜମି ଅଧିଗ୍ରହଣ ହେବା କଥା । ଜମି ଅଧିଗ୍ରହଣରେ ଅନୟମିତତାର ଅତୀତକୁ ଅବଲୋକନ କଲେ ଏବେ ବି ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ ଗୃହ (ଆର୍ ଏଣ୍ଡ ବି ତଥା ପୂର୍ତ୍ତ)ବିଭାଜନ ପକ୍ଷରୁ ଯାଜପୁର ଓ ଦଶରଥପୁର ତହସିଲ ଅଧୀନ ୭ କିମି ଖଣ୍ଡରା–ବନ୍ଧମୁଣ୍ଡା ରାସ୍ତା ନିର୍ମାଣରେ ପ୍ରଭାବିତ ଅଞ୍ଚଳବାସୀ ଏପରି କହିଛନ୍ତି।

ଯାଜପୁର ଜିଲାରେ ବିଭିନ୍ନ ସରକାରୀ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣରେ ପୁଣି ବଡ଼ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ପ୍ରକଳ୍ପ ପାଇଁ ଭୂ-ଅର୍ଜନ ଆଇନ–୧୮୯୪ରେ ବିଭିନ୍ନ ପ୍ରକ୍ରିୟାରେ ଜମି ଅଧିଗ୍ରହଣ କରିବା ବଦଳରେ ପ୍ରଜାଙ୍କଠାରୁ ସିଧାସଳଖ ଶତାଧିକ ଏକର ଜମି କିଣାଯାଇଛି। ଏନେଇ କେତେଜଣ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖ ଲୋକ ଆଗୁଆ ସୂଚନା ପାଇ ନିରୀହ ଚାଷୀଙ୍କ ପାଖରୁ ଶାଗ ମାଛ ଦରରେ ଜମି କିଣି ମଧ୍ୟସ୍ଥି ସାଜି ସେହି ଜମିକୁ ପ୍ରାୟ ୧୦୦ ଗୁଣା ଅଧିକ ଦରରେ ସରକାରଙ୍କୁ ଦେଇ ମାଲାମାଲ ହୋଇଛନ୍ତି। ୧୬ନଂ. ଜାତୀୟ ରାଜପଥ କଡ ଷଠିପୁର ଗୋଲେଇ ଛକଠାରୁ ଷଠିପୁର ସବ୍‌ଷ୍ଟେଶନ ଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ପ୍ରକଳ୍ପ କାର୍ଯ୍ୟରେ ପୂର୍ତ୍ତ ବିଭାଗର କେତେଜଣ ଅଧିକାରୀଙ୍କ ସହଯୋଗରେ ଏଭଳି ଅନିୟମିତତା କରିଥିବା ଗତ ସେପ୍ଟେମ୍ବରରେ ଅଭିଯୋଗ ହୋଇଥିଲା। ହେଲେ ଏଭଳି ଅଭିଯୋଗକୁ ସେତେବେଳେ କଳେବଳେ କୌଶଳେ ଚାପି ଦିଆଯାଇଥିଲା। ଏବେ ପୁଣି ଖଣ୍ଡରା–ବନ୍ଧମୁଣ୍ଡା ରାସ୍ତା ନିର୍ମାଣ ପାଇଁ ୫.୨୦୮୦ ଏକର ଘରୋଇ ଜମି ଅଧିଗ୍ରହଣ ସକାଶେ ଅଧିସୂଚନା ଜାରି ହୋଇଛି। ଏହି ପ୍ରକଳ୍ପର ସାମାଜିକ ପ୍ରଭାବ ନିର୍ଦ୍ଧାରଣ(ଏସଆଇଏ) କରିବାକୁ ଆନ୍ଧ୍ର କନସଲଟିଂ ସର୍ଭିସ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି। ଏଥିରେ ଯାଜପୁର ତହସିଲ ଅଧୀନସ୍ଥ ସାନସୁଆର ଗ୍ରାମର ୦.୨୫୦ ଏକର, ବଡସୁଆର ଗ୍ରାମର ୧.୫୬୦ ଏକର, ବନ୍ଧମୁଣ୍ଡା ଗ୍ରାମର ୦.୯୮୦ ଏକର, ମୁଗଲପୁର ଗ୍ରାମର ୦.୧୯୦ ଏକର ଓ ମାର୍କଣ୍ଡପୁର ଗ୍ରାମର ୦.୯୮୦ ଏକର, ଦଶରଥପୁର ତହସିଲ ଅଧୀନ ରାଣୁଆ ଗ୍ରାମର ୦.୫୦୫ ଏକର, ଖଣ୍ଡରା ଗ୍ରାମର ୦.୬୩୩ ଏକର ଓ ଅଷ୍ଟପ୍ରହରାଜପୁର ଗ୍ରାମର ୦.୧୧୦ ଏକର ଘରୋଇ ଜମି ଅଧିଗ୍ରହଣ ହେଉଛି। ତେବେ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ର ଧାରା ୪(୧) ଅନୁଯାୟୀ ସର୍ବେକ୍ଷଣ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦାବି କରାଯାଇଛି। ସରକାରୀ ବ୍ୟବସ୍ଥାରେ ଅସହାୟ ଲୋକେ ପ୍ରତିବାଦ ନ କରି କ୍ଷତିପୂରଣ ବାବଦକୁ ଯାହା ମିଳିଛି ତାହା ପୂର୍ବରୁ ଗ୍ରହଣ କରିଛନ୍ତି। ଏହି ପ୍ରକ୍ରିୟାରେ ସରକାରୀ କଳ କେବେହେଲେ ଜମିର ମୂଲ୍ୟ ଆକଳନ ଓ କ୍ଷତିପୂରଣ ପରିମାଣ ଅନୁମୋଦନରେ ଲୋକଙ୍କ ପ୍ରତି ଅନ୍ୟାୟ ହେଉଛି କି ବୋଲି ଦୁଇଥର ଚିନ୍ତା କରିଥିବାର ନଜିର ନାହିଁ । କ୍ଷତିଗ୍ରସ୍ତ ଚାଷୀଙ୍କ ସପକ୍ଷରେ ଲୋକ ପ୍ରତିନିଧିମାନେ ମଧ୍ୟ କେବେ ତଦନ୍ତ କରି ନାହାନ୍ତି। ଏହାର ସୁଯୋଗରେ ଯାଜପୁର ନିର୍ବାଚନ ମଣ୍ଡଳିରେ ଜମି କିଣାବିକା ଦୁର୍ନୀତି ଓ ଷଡଯନ୍ତ୍ର ସାମ୍ନାକୁ ଆସିଥିଲା। ଷଠିପୁର ରାସ୍ତା ବ୍ୟତୀତ ଅର୍ଦ୍ଧାଲୁଆ ରାସ୍ତାର ଉନ୍ନତିକରଣ ଓ ସଂପ୍ରସାରଣ କାର୍ଯ୍ୟରେ ମାତ୍ର ୫ ଏକର ଜମି ପାଇଁ ୩୬ କୋଟି ୨୧ ଲକ୍ଷ ୯୯ ହଜାର ୯୨୪ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ପ୍ରଭାବିତ ଚାଷୀଙ୍କ ନିକଟକୁ ଯାଇଛି ନା ମଧ୍ୟସ୍ଥି ଓ ବିଭାଗୀୟ ଅଧିକାରୀଙ୍କ ପକେଟକୁ ଯାଇଛି ତାହା ଏଯାଏ ତଦନ୍ତ ହୋଇ ପାରିନାହିଁ।

**ପ୍ରଭାବିତ ଗ୍ରାମବାସୀଙ୍କ ମୁହଁରୁ...**



ରାସ୍ତା କାର୍ଯ୍ୟ ହେଉ ଭଲ କଥା। ଛୋଟ ଦୋକାନଟିଏ କରି ପରିବାର ପୋଷଣ କରୁଛି। ଯଦି ଦୋକାନ ଭାଙ୍ଗି ଦିଆଯିବ ଆମେ ଚଳିବୁ କେମିତି। ତେଣୁ ଥଇଥାନ କରିବା ସହ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଅନୁରୋଧ।
**–ଅମୂଲ୍ୟ କୁମାର ସେନାପତି, ମାର୍କଣ୍ଡପୁର**



ନୋଟିସ ପାଇଛୁ। ଗମନାଗମନ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସ୍ୱାଗତ କରୁଛୁ। କିନ୍ତୁ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ପରିବାର ସର୍ବସ୍ୱାନ୍ତ ହୋଇଯିବ।
**–ମାଧବାନନ୍ଦ ବେହେରା, ସାନସୁଆର**

## ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦିବସ ପାଳିତ
## କିନ୍ନରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଶୋଭାଯାତ୍ରା

ଯାଜପୁରରୋଡ୍,୧।୪ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ସନ୍ତରାଫ୍ଥିତ ସଂସ୍କୃତି ଭବନ ପରିସରରେ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କିନ୍ନରଙ୍କ ବିକାଶ ପାଇଁ ଆରମ୍ଭ ହୋଇଥିବା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ ସୁରକ୍ଷା ବିଭାଗର ପୂର୍ବତନ ଅଧ୍ୟକ୍ଷ ପ୍ରତାପ ସାହୁ, ଯାଜପୁରରୋଡ୍ ଶାନ୍ତିସେନା କିନ୍ନର ସଙ୍ଘର ସଭାପତି କାଜଲ ନାୟକ ଓ ସମ୍ପାଦକ ଲବଲୀ ସାହୁ ଯୋଗଦେଇ କିନ୍ନରମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପୌର ପରିଷଦ ପକ୍ଷରୁ ଦଳା ଛକଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଜ୍ଞା ଚକ୍ରବର୍ତ୍ତୀ ଓ ଶୁଭଶ୍ରୀ ସାମଲ ସୂଚାରୁ ରୂପେ ତୁଲାଇଥିଲେ। ବହୁ କିନ୍ନର ଉପସ୍ଥିତ ରହି ସହଯୋଗ କରିଥିଲେ।

# କାଏମା ବଜାରରେ ଟ୍ରାଫିକ୍ ସମସ୍ୟା


ସନ୍ଧ୍ୟା ସମୟରେ କାଏମା ବଜାରରେ ଟ୍ରାଫିକ୍ ସମସ୍ୟା।

କାଏମା,୧।୪(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ବଜାରରେ ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଗୁଡ଼ିକ ଜାମରେ ଫସି ରହୁଛି। ସୋମବାର କାଏମାରେ ହାଟ ହୋଇଥିବାରୁ ଲୋକଙ୍କ ଭିଡ଼ ରହିଥିଲା। ଏହି ସମୟରେ ଗୋଟିଏ ବସ ଓ ହାଇୱା ଉଭୟ ପାର୍ଶ୍ୱରୁ ଆସିବା ଫଳରେ ବଜାର ମଧ୍ୟରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ରାସ୍ତା ଜାମ ହଟିଥିଲା। ରାସ୍ତା ପ୍ରଶସ୍ତୀକରଣ କରାଯିବା ନେଇ ଶିଳାନ୍ୟାସ ହୋଇଥିଲେ ସୁଧା ୧୮ମାସ ପରେ ବି କାମ ଆରମ୍ଭ ହୋଇ ପାରୁନାହିଁ। ଫଳରେ ଏଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ଓ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୪କି.ମି. ରାସ୍ତାରେ ୧୨ରୁ ଊର୍ଦ୍ଧ୍ୱ ହମ୍ପସ୍

କାଏମା,୧।୪(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକର ଶାନ୍ତିବିଜାରଠାରୁ କାଏମା ରାସ୍ତାର ଦୂରତ୍ୱ ମାତ୍ର ୪ କିଲୋମିଟର। ହେଲେ ଏହି ରାସ୍ତାରେ ୧୨ରୁ ଅଧିକ ହମ୍ପସ ତିଆରି କରାଯାଇଛି। ଏଥିଯୋଗୁ ରାସ୍ତାରେ ଯାତାୟତ କରୁଥିବା ଗାଡ଼ି ଚାଳକମାନେ ନାନା ସମସ୍ୟା ଭୋଗୁଛନ୍ତି। ଅନ୍ୟପକ୍ଷେ ଆମ୍ବୁଲାନ୍ସ, ଦମକଳ ଓ ପୋଲିସ ଭ୍ୟାନ୍‌ଗୁଡ଼ିକ ଠିକଣାସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ଉପରେ ଦୈନନ୍ଦିନ ଅନେକ ଲୋକ ଯାତାୟତ କରିଥାନ୍ତି। ସକାଳ ହେଲେ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କଠାରୁ ଆରମ୍ଭ କରି ବିଭିନ୍ନ ଲୋକେ ନିଜ ନିଜ କାମରେ ଯାତାୟତ କରିଥାନ୍ତି । ସେଥିପାଇଁ ରାସ୍ତାରେ ଭିଡ଼ ଦେଖିବାକୁ ମିଳିଥାଏ। ସବୁଠାରୁ ବଡ଼ କଥା ଯଦି କୌଣସି ସମୟରେ କିଛି ଅଘଟଣ ଘଟେ ତେବେ ଜରୁରୀକାଳୀନ ସେବାଗାଡ଼ିଗୁଡ଼ିକ ବିଳମ୍ବରେ ପହଞ୍ଚି ଥାଆନ୍ତି। ଫଳରେ କ୍ଷୟକ୍ଷତିର ପରିମାଣ ଯଥେଷ୍ଟ ବଢ଼ିଯାଇଥାଏ। ସେହିପରି ଆମ୍ବୁଲାନ୍ସ ତଥା ଅନ୍ୟ ଗାଡ଼ିରେ ରୋଗୀମାନଙ୍କୁ ଡାକ୍ତରଖାନା ନେବା ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଏହି ରାସ୍ତାରେ କାଏମା ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ଓ ଅଚ୍ୟୁତପୁର ଦାମୋଦର ଉଚ୍ଚ ବିଦ୍ୟାଳୟ ରହିଛି। ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ହମ୍ପସର ଆବଶ୍ୟକତା ରହିଛି। କିନ୍ତୁ କେତେଜଣ ବ୍ୟକ୍ତି ଗାଁ ମୁଣ୍ଡ, ପେଟ୍ରୋଲ ପମ୍ପ ସମ୍ମୁଖ ଓ ଘର ସମ୍ମୁଖରେ ହମ୍ପସ ନିର୍ମାଣ କରିଛନ୍ତି। ଏହାହିଁ ସମସ୍ତ ପଥଚାରୀ ଓ ଗାଡ଼ି ଚାଳକଙ୍କ ପାଇଁ କାଳ ହୋଇଛି । ଆବଶ୍ୟକ ସ୍ଥାନ ବ୍ୟତୀତ ଅନ୍ୟ ସବୁ ହମ୍ପସକୁ ତୁରନ୍ତ ହଟାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପଳାସ ବୁଢ଼ୀ ଠାକୁରାଣୀ ମେଳଣ ଉଦ୍‌ଯାପିତ

ଧର୍ମଶାଳା,୧।୪(ବଟକୃଷ୍ଣ ପରିଡା): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ସ୍ଥିତ ପଳାସବୁଢ଼ୀ ଠାକୁରାଣୀ ମେଳଣ ଉଦ୍‌ଯାପିତ ହୋଇଯାଇଛି। ନୂଆଗାଁ ଠାକୁର ଏଥିରେ ଥାନପତି ଭାବେ ଯୋଗ ଦେଇଥିଲେ। ଭାତୁରୀପସି, ବଙ୍ଗାଳୀ ସାହି, କଣିପାଟିଆର ଠାକୁରମାନେ ହୋରି ଖେଳି ଚାରାକୁ ଆସିଥିଲେ। ମେଳଣ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ କପିଳ ଚନ୍ଦ୍ର ସ୍ୱାଇଁ ଓ ସଭ୍ୟମାନେ ଠାକୁରଙ୍କୁ ପୂଜାର୍ଚ୍ଚନା କରି ବିଦାୟ ଦେଇଥିଲେ।


ପଳାସବୁଢ଼ୀ ଠାକୁରାଣୀ ମେଳଣରେ ସାମିଲ ହୋଇଥିବା ଦୋଳବିମାନ।

# ଅବହେଳିତଙ୍କ ପାଇଁ ଲଢ଼େଇ ଜାରି ରଖିଥିଲେ ରଘୁନାଥ

ରସୁଲପୁର,୧।୪ (ରଞ୍ଜିତ ରାଉତ):



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା କମ୍ୟୁନିଷ୍ଟ କର୍ମୀ

ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତର କମ୍ୟୁନିଷ୍ଟ ନେତା ରଘୁନାଥ ଦାସଙ୍କ ଏକାଦଶାହ ପାଳିତ ହୋଇଯାଇଛି। ଏହିଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସଂଗଠକ ଲକ୍ଷ୍ମଣ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦାସ ଏକାଧାରରେ ଜଣେ ସୁ-ସଂଗଠକ, ବକ୍ତା, କମ୍ୟୁନିଷ୍ଟ ଦଳର ଏକ ନିଷ୍ଠାପର କର୍ମୀ ଭାବରେ ଜଣାଶୁଣା ଥିଲେ। ସମାଜର ଅବହେଳିତ ଲୋକଙ୍କ ପାଇଁ ଅହରହ ଲଢେଇ ଜାରି ରଖିଥିଲେ। ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ଦଳ ପକ୍ଷରୁ ଅବିଭକ୍ତ କଟକ ଜିଲାର ସମ୍ପାଦକ ମଣ୍ଡଳି ସଦସ୍ୟ ଦାୟିତ୍ୱ ତୁଲାଇଥିଲେ। ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଦେଶବିଦେଶକୁ ଭ୍ରମଣ କରିବା ପାଇଁ ସୁଯୋଗ ଦିଆଯାଉଥିଲା। ସଂଗଠନର ସମସ୍ୟା ଓ ସଂକଟ ସମୟରେ ରଘୁନାଥଙ୍କୁ ଦଳ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଥିଲା ବୋଲି ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜନୈତିକ ଦଳ 'ସମୃଦ୍ଧ ଓଡ଼ିଶା'ର ରାଜ୍ୟ ସଭାପତି ଯତିଶ୍ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ବିଞ୍ଝାରପୁର ବ୍ଲକର କମ୍ରେଡ ରବୀନ୍ଦ୍ର ସାମଲ, ରାଜକନିକା ଅଞ୍ଚଳର କାଳୀପ୍ରସାଦ ନାୟକ, କୋରେଇ ବ୍ଲକର ନିର୍ମଳ ରଥ, ବରୀ ବ୍ଲକରୁ ନୃସିଂହ ବେହେରା, ପଟ୍ଟାମୁଣ୍ଡାଇର ଦେବେନ୍ଦ୍ର ପ୍ରଧାନ ଓ ଶୈଳେନ୍ଦୁ ମହାନ୍ତି, ରାଜକନିକା ଅଞ୍ଚଳର କିଶୋର ସାହୁ, ସିଆଇଟିୟୁ ଯାଜପୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଭୁବନେଶ୍ୱରରୁ ଉଲ୍ଲାସ ସ୍ୱାଇଁ, ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଶ୍ରୀଧର ବେହେରା, ସାମାଜିକ କର୍ମୀ କାହ୍ନୁ ଚରଣ ଦାଶ, ଦେବେନ୍ଦ୍ର ପଣ୍ଡା, ପ୍ରହ୍ଲାଦ ପଣ୍ଡା, ଆଇନଜୀବୀ ବ୍ରଜକିଶରୋ ପତି, ପ୍ରଦୀପ ଦାସ, ଖବରଦାତା ଦେବୀ ପ୍ରସନ୍ନ ନାୟକ, କାଳନ୍ଦି କଣ୍ଠ, ପୂର୍ବତନ ସମିତି ସଭ୍ୟ ରଞ୍ଜିତ ରାଉତ, ଯୁବନେତା ଦୁର୍ଗାମାଧବ ଦାସ ପ୍ରମୁଖ ଯୋଗଦେଇ ଦାସଙ୍କ ଗୁଣଗାନ କରିଥିଲେ। ରସୁଲପୁର ବ୍ଲକର ବହୁ ଲୋକ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ

ବରୀ,୧।୪(ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ଇଶାଣେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାଗିରଥି ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅର୍ଜୁନି ଚରଣ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ମକର ଚରଣ ଘଡ଼ାଇ ଯୋଗଦେଇ ଛାତ୍ରୀଛାତ୍ର ସଂସ୍କୃତି ସମ୍ପନ୍ନ ହେବା ସହ ପାରମ୍ପରିକ ଖେଳନା ବିଷୟରେ ଜ୍ଞାନ ଅର୍ଜନ କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଦାସ, ସରପଞ୍ଚ ମାମିନା ଦାସ, ସମିତିସଭ୍ୟ ଚିନ୍ତାମଣି ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ନବୋଦୟ ଓ ଆଦର୍ଶ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଇଶାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୁଶୀଲ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଭାପତି ସଂଗ୍ରାମ ଜେନା, ଶିକ୍ଷକ ଦଶରଥ ଦାସ, ଦମୟନ୍ତି ପ୍ରଧାନ, ସ୍ନେହମୟୀ ଜେନା, ନର୍ମଦା ପ୍ରଧାନ, ରଶ୍ମିତା ଜେନା, ମମତା ସାହୁ, ଖଗେଶ୍ୱର ଦୋବେଇ, ପ୍ରତିଲିପି ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ପ୍ରଶାନ୍ତି ଚ୍ୟାଲେଞ୍ଜର ଚାମ୍ପିୟନ

**ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ୍ ଉଦ୍‌ଯାପିତ**

ଯାଜପୁରରୋଡ୍,୧।୪(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଏନ୍‌ସି ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୧୭ତମ ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଶାନ୍ତି ଚ୍ୟାଲେଞ୍ଜର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପ୍ରଶାନ୍ତି ଚ୍ୟାଲେଞ୍ଜର ଓ ବାରଗଡ଼ିଆ ପାୱାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରଗଡ଼ିଆ ପାୱାର ଟସ ଜିତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଶାନ୍ତି ଚ୍ୟାଲେଞ୍ଜର ଆବଶ୍ୟକ ରନସଂଗ୍ରହ କରି ଚାମ୍ପିୟନ ହୋଇଥିଲା।

କ୍ଲବ୍ ସଭାପତି ରୁଦ୍ରନାରାୟଣ ଦାସ ଓ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ସାମାଜିକ କର୍ମୀ ଅଯୋଧ୍ୟା ନାଥ ଜେନା ଓ ସୌମିକ ହିରୋର ପରିଚାଳକ ପ୍ରଭାତ ସାମଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଚେନାଇ ସୁପର କିଙ୍ଗ, ମୁମ୍ବାଇ ଇଣ୍ଡିଆନ, ଆଇପିଏଲ ତାରକାଙ୍କ ସହିତ ବିଭିନ୍ନ ରାଜ୍ୟର ଜାତୀୟ, ଅନ୍ତର୍ଜାତୀୟ ଖେଳାଳି ଯୋଗଦେଇଥିଲେ। ସତ୍ୟବ୍ରତ ମହାପାତ୍ର, ଆଶୁତୋଷ ପାଲ ଖେଳ ପରିଚାଳନା କରିଥିଲେ। ବିପିନ ସାହୁ, ବୁବୁ ସିହ୍ନା, ରଶିଉଦ୍ଦିଲ, ଆରାଧନା ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିବାବେଳେ ସବ୍ୟସାଚୀ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପବିତ୍ର ମଲିକ ଖେଳ ଉପଯୋଗୀ ପିଚ ବନାଇ ଥିବାରୁ ସମସ୍ତ ଖେଳାଳିଙ୍କର ପ୍ରସଂଶାର ପାତ୍ର ହୋଇଥିଲେ। କ୍ଲବ୍‌ର ବରିଷ୍ଠ ଉପଦେଷ୍ଟା ସୌମେନ୍ଦ୍ର ରାଉତ, ଉମାକାନ୍ତ ରାଉତ, ସନ୍ତୋଷ ରାଉତ, କୈଳାଶ ରାଉତ, ଅଜୟ ନାୟକ, ଜ୍ଞାନ ରଞ୍ଜନ ରାଉତ, ଜ୍ଞାନ ରଞ୍ଜନ ଓଝା, ସଞ୍ଜୟ କୁମାର ସିଂ, ସେକ୍ ସରଫରାଜ ନୱାଜ, ସଦସ୍ୟ ମନ୍ମଥ ସାହୁ, ଆକାଶ ମହାପାତ୍ର, ସେକ ସୋନୁ, ଶୁଭମ ଲେଙ୍କା ଓ ଦୀପକ ପ୍ରଧାନ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ପୋଲିସ ପକ୍ଷରୁ ଜଳଛତ୍ର ଖୋଲିଲା

ଛତ୍ରପୁର,୧।୪ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ) ଜିଲା ସଦର ମହକୁମା ଛତ୍ରପୁରକୁ ବିଭିନ୍ନ ଅଫିସ କାର୍ଯ୍ୟ ପାଇଁ ଲୋକେ ଆସିଥାନ୍ତି। ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ବଢୁଥିବା ବେଳେ ପିଇବା ପାଣି ଟୋପେ ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପୋଲିସ ପକ୍ଷରୁ ଆରଇ କାର୍ଯ୍ୟାଳୟ ଭିଆଇପି ରୋଡ଼ରେ ଏକ ଜଳଛତ୍ର ଖୋଲାଯାଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜଳଛତ୍ରରେ ଜଣେ ପୋଲିସ କର୍ମଚାରୀ ନିୟୋଜିତ ରହିବେ।

### ରାମଗିରି ଥାନାଧିକାରୀ ପୁରସ୍କୃତ

ରାମଗିରି,୧।୪(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ଥାନାଧିକାରୀ ପୁରସ୍କୃତ ହୋଇଛନ୍ତି। ପାରଳାଖେମୁଣ୍ଡି ସ୍ଥିତ ବେତାଗୁଡା ରିଜର୍ଭ ପୋଲିସ ଅଫିସ ପରିସରରେ ମଙ୍ଗଳବାର ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୧୦ ଜଣ ପୋଲିସ କର୍ମଚାରୀଙ୍କୁ ନିଷ୍ଠାପର ସେବା ଓ ଦାୟିତ୍ୱବାନ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସେମାନଙ୍କ ମଧ୍ୟରେ ରାମଗିରି ଥାନାଧିକାରୀ ଡି. ଗଜପତି ଦୋରା ଅଛନ୍ତି। ତାଙ୍କୁ ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା ଶ୍ରେଷ୍ଠ ଥାନାଧିକାରୀ ଭାବେ ପୁରସ୍କୃତ କରିଛନ୍ତି। ଗତବର୍ଷ ଉକ୍ତ ଥାନାର ୨ ଜଣ ଗୃହରକ୍ଷୀ ଶ୍ରେଷ୍ଠ ଗୃହରକ୍ଷୀ ଭାବେ ପୁରସ୍କୃତ ହୋଇଥିଲେ।

### 'ଅନନ୍ୟ କଳା ଦର୍ପଣ'ର ଦ୍ୱିତୀୟ ବାର୍ଷିକ ଉତ୍ସବ

ଛତ୍ରପୁର,୧।୪(ସନ୍ତୋଷ ପାଢ଼ୀ)

ଛତ୍ରପୁରର 'ଅନନ୍ୟ କଳା ଦର୍ପଣ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଛତ୍ରପୁରସ୍ଥିତ ଜିଲା ସଂସ୍କୃତିଭବନରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି (ସାଧାରଣ ପ୍ରଶାସନ) ଯୋଗଦେଇ ଏହି ସାଂସ୍କୃତିକ ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧର୍ବ କଳାର ବିଶେଷତ୍ୱ ଥିବା ଛତ୍ରପୁର ମାଟିର ଏକ ଚର୍ଚ୍ଚିତ ଇତିହାସ ରହିଛି ବୋଲି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ପୂର୍ବତନ ସହ ନିର୍ଦ୍ଦେଶକ ଡ. ପ୍ରତାପ କୁମାର ସାହାଣୀ, ନରେନ୍ଦ୍ରପୁର ମହାବିଦ୍ୟାଳୟର ଅଧ୍ୟାପକ ଏସ. ଭେଙ୍କଟ ରାଓ ରେଡ୍ଡୀ, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ଦାଶ, ଆକାଶବାଣୀ ଉଦଘୋଷାକ ଅରୁଣ ଶତପଥି କବିସୂର୍ଯ୍ୟ ବଳଦେବ ରଥ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବି ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ପୂଣ୍ୟ ପବିତ୍ର ଏହି କଳାର ମାଟିକୁ ଚିରନମସ୍ୟ ବୋଲି ପ୍ରତିପାଦନ କରିଥିଲେ। ଅନନ୍ୟ କଳା ସଂଗଠନର ଅଧ୍ୟକ୍ଷ ଅମୀୟ କୁମାର ଧଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବିଭିନ୍ନ କ୍ଷେତ୍ରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଓଡ଼ିଶୀ, ରଣପା, ଢେମସା, ଛଉ, କାଠପାଦ ନୃତ୍ୟ ଆଦି ଦର୍ଶକଙ୍କୁ ବିଭୋର କରିଥିଲା ।

# ଓଡ଼ିଶା ପ୍ରଦେଶ ଗଠନରେ ଗଜପତିର ସ୍ଥାନ ସ୍ୱତନ୍ତ୍ର

## ଜିଲାସ୍ତରୀୟ ୯୦ତମ ଓଡ଼ିଶା ଦିବସ

ପାରଳାଖେମୁଣ୍ଡି,୧।୪ (ଗିରିଧାରୀ ପରିଛା)



ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥିମାନେ।

ଗଜପତିରେ ଜିଲାସ୍ତରୀୟ ୯୦ତମ ଓଡ଼ିଶା ଦିବସ ମଙ୍ଗଳବାର ପାଳିତ ହୋଇଛି। ସକାଳ ୬ଟାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସହରରେ ଥିବା ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସ୍ଥାନୀୟ କଳାକାର ବୀରବାଦ୍ୟ ଓ ପାଇକ ଆଖଡ଼ା କଳା ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲାପାଳ ବିଜୟ କୁମାର ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ପୌର ଅଧକ୍ଷା ନିର୍ମଳା ସେଠୀ, ଉପଜିଲାପାଳ ଅନୁପ ପଣ୍ଡାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ସାମିଲ ହୋଇଥିଲେ।

ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ପ୍ରତିଯୋଗିତା ହୋଇଥିଲା। ଏଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ କରିବାରେ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦୂରଦୃଷ୍ଟି, ତାଙ୍କ ଜୀବନବ୍ୟାପୀ ସଂଘର୍ଷ ଓ ସାଧନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତାଧୀନ ସରକାରଙ୍କ ଏକମାତ୍ର ସ୍ୱପ୍ନ ସମଗ୍ର ଓଡ଼ିଶାର ବିକାଶ। ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସାହିତ୍ୟ, ପର୍ଯ୍ୟଟନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଏବେ ସନ୍ତୁଳିତ ବିକାଶ ହୋଇପାରିଛି। ସୁଭଦ୍ରା ଯୋଜନା, ଧାନର କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ସାରା ଭାରତର ୧୧୨ଟି ଆକାଂକ୍ଷା ଜିଲା ମଧ୍ୟରୁ ଗଜପତି ଜିଲା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ସମଗ୍ର ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗଜପତି ଜିଲା ପ୍ରଥମ ସ୍ଥାନ ହାସଲ କରିବାରେ ଗୌରବ ଅର୍ଜନ କରିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଉତ୍କଳ ହିତୈଷିଣୀ ସମାଜ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ପି ଯତୀନ୍ଦ୍ର ପଣ୍ଡା ପ୍ରମୁଖ ନିଜ ନିଜ ମତ ରଖି ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅବଦାନ ରଖିଥିବା ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ଓଡ଼ିଶା ପ୍ରଦେଶ ଗଠନରେ ଗଜପତି ଜିଲା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ସେମାନେ ପ୍ରକାଶ କରିଥିଲେ।

# ଘରୁ ସୁନା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

ଚିକିଟି,୧।୪(ପ୍ରକାଶ ଚନ୍ଦ୍ର ସାହୁ) କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଛି। ଚାନ୍ଦପୁର ପଞ୍ଚାୟତ ଡଭାର ଗ୍ରାମର ରଞ୍ଜିତା ପଣ୍ଡାଙ୍କ ଘରୁ ସୋମବାର ମଧ୍ୟ ରାତ୍ରିରେ ଚୋରି ହୋଇଛି। ରଞ୍ଜିତା ଏକାକୀ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ବାରିପଟ ଗ୍ରିଲ ଭାଙ୍ଗି ଘରେ ପଶି ଆଲମିରାରୁ ୬ ଭରିର ସୁନାଗହଣା, ୨୦ ଭରି ରୁପା, ୩୦ ହଜାର ଟଙ୍କା ଲୁଟି ନେଇଥିବା ନୂଆପଡା ଫାଣ୍ଡିରେ ଅଭିଯୋଗ ହୋଇଛି। ମଙ୍ଗଳବାର ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନରେ କେ. ନୂଆଗାଁ ଥାନା ଅଧିକାରୀ, ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଛନ୍ତି। ଚୋରମାନେ ସାଧାରଣତଃ ଘରଗୁଡିକୁ ଟାର୍ଗେଟ କରି ଲୁଟ୍ କରୁଛନ୍ତି। ଏହା ପୂର୍ବରୁ ଜୁଲାଇ ୧୯ ତାରିଖରେ ଦକ୍ଷଡଣୀ ଗ୍ରାମର ସୁଲତା ପଟ୍ଟନାୟକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାରୂପା ଗହଣା ଚୋରି ହୋଇଥିଲା। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ବାର୍ଲାଙ୍କ ସହ ଯୋଗାଯୋଗ କରିବାରୁ ଜନ ସଚେତନତା ଅଭାବରୁ ଚୋରି ହେଉଥିବା ବେଳେ ଏବ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବାରୁ ସମସ୍ୟା ହେଉଛି। ତଥାପି ସ୍ୱଳ୍ପ କର୍ମଚାରୀଙ୍କୁ ଧରି ପାଟ୍ରୋଲିଂ କରାଯାଉଥିବା କହିଛନ୍ତି।

# ୫ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କଲେ ଏସ୍‌ପି

## ଗଞ୍ଜାମ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

ଛତ୍ରପୁର,୧।୪(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଛତ୍ରପୁର ପୋଲିସ ପଡ଼ିଆଠାରେ ମଙ୍ଗଳବାର ଗଞ୍ଜାମ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଜନସାଧାରଣଙ୍କ ସେବା ମନୋଭାବ ନେଇ ପୋଲିସ ବାହିନୀ ନିଜକୁ ଉତ୍ସର୍ଗ କରିବା ଉଚିତ। ଏହି ସଙ୍କଳ୍ପ ହିଁ ଶହୀଦଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। କର୍ତ୍ତବ୍ୟନିଷ୍ଠା ଓ ସାହସିକତା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରିଥିବା ଗଞ୍ଜାମ ଜିଲା ପୋଲିସର ୫ଜଣ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ଏହି ଅବସରରେ ସମ୍ମାନିତ କରିଥିଲେ। ସେମାନେ ହେଲେ ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ, ଏଏସ୍‌ଆଇ ସୁମନ୍ତ କୁମାର ବେହେରା, ହାବିଲଦାର ବି. କାମରାଜୁ ଦୋରା, ଏପିଆର କନେଷ୍ଟବଳ ଟୁନା ମଲିକ ଓ କନେଷ୍ଟବଳ ଦିଲୀପ କୁମାର ବେହେରା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଚିନ୍ମୟ କୁମାର ନାୟକଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଏସ୍‌ପି ପଠନ କରିଥିଲେ। ସମାରୋହରେ ରିଜର୍ଭ ଇନ୍ସପେକ୍ଟର ଅମୁଲ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପରେଡ ପରିଚାଳନା କରାଯାଇଥିଲା।



ଛତ୍ରପୁରରେ ପୁରସ୍କୃତ ପୋଲିସ କର୍ମଚାରୀଙ୍କ ସହ ଏସ୍‌ପି।

# ଆମ ଭାଷା ହେଉଛି ଆମର ପରିଚୟ

ଫୁଲବାଣୀ ଅଫିସ,୧।୪ (ରାକେଶ କୁମାର ରାଉତ)

ଓଡିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଓଡ଼ିଶାର ବରପୁତ୍ରମାନେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏହି ରାଜ୍ୟ ପ୍ରତିଷ୍ଠା କରିଛନ୍ତି। ଖାଲି ଏହି ଦିବସ ପାଳନ ଏବଂ ବରପୁତ୍ରମାନଙ୍କୁ ମନେ ପକାଇଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବନାହିଁ । ସମୟ ଆସିଛି ଆମକୁ ଓଡିଆ ବୋଲି ଗର୍ବ କରିବାକୁ ହେବ । ଯାହା ଆଜିକାଲି ପରିବାରରୁ ଦେଖିବାକୁ ମିଳୁନାହିଁ । ଭାଷା ବଞ୍ଚିଲେ ଜାତି ବଞ୍ଚିବ। ଆମ ଭାଷା ହେଉଛି ଆମର ପରିଚୟ ବୋଲି ଓଡିଶା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଫୁଲବାଣୀ ଗାନ୍ଧିସ୍ମୃତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ରିତ ଋତୁରାଜ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲାପାଳ ଭିକାରୀ ସାହୁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ଉତ୍କଳମଣୀ ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

### ଆଇଆର୍‌ବି ବାଟାଲିୟନରେ ପୋଲିସ ପ୍ରତିଷ୍ଠା ଦିବସ

ଭଞ୍ଜନଗର,୧।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ତନରଡ଼ାସ୍ଥିତ ଅଷ୍ଟମ ଆଇଆର୍‌ବି ବାଟାଲିୟନ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଦିବସ ସହ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂରକ୍ଷିତ ବାହିନୀର ଦୁର୍ଗପତି ସୁଧାକର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟପାଳ ଏବଂ ମୁଖମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଦୁର୍ଗପତି ମିଶ୍ର ବାଟାଲିୟନର ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ କର୍ମଚାରୀ ଉପ ନିରୀକ୍ଷକ ଲକ୍ଷ୍ମୀକାନ୍ତ ନାୟକ, ହାବିଲଦାର ପ୍ରମୋଦ ଜେନା, ଯବାନ ଅରୁଣ ଡାକୁଆଙ୍କୁ ସମ୍ମାନିତ କରିଥିଲେ । ଉପ ଦୁର୍ଗପତି ଲଳିତ ବାଘ ପରିଚାଳନା କରିଥିଲେ। ସହକାରୀ ଦୁର୍ଗପତିମନୋରଞ୍ଜନ ତରାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବୁଗୁଡ଼ା,୧।୪(କାଳିଚରଣ ଦାଶ)

ବୁଗୁଡା ସହର ଗୁଣ୍ଡୁଗୁଣିଆ ସାହିରେ ଥିବା ସତସଙ୍ଗ କେନ୍ଦ୍ର ପକ୍ଷରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବର ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ କାଳରେ ସମବେତ ଉଷା ବିନତି ପ୍ରାର୍ଥନା, ପୂର୍ବାହ୍ନରେ ନଗର କୀର୍ତ୍ତନ ସହ ସତସଙ୍ଗ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୃଙ୍ଖଳିତ ଜୀବନଚର୍ଯ୍ୟା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

# ପାରଳାଖେମୁଣ୍ଡି ରେଳ ଷ୍ଟେଶନକୁ ୧୨୫ ବର୍ଷ

## ୱାଲ୍‌ଟିୟର ରେଳମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର/ପାରଳାଖେମୁଣ୍ଡି,୧।୪ (ଅନୁରାଧା ମହାରଣା/ଗିରିଧାରୀ ପରିଛା)



ବାର୍ଷିକୀ ଉତ୍ସବ ପାଳନ ଅବସରରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ପୂର୍ବତଟ ରେଳପଥର ୱାଲ୍‌ଟିୟର ରେଳ ମଣ୍ଡଳ ପକ୍ଷରୁ ପାରଳାଖେମୁଣ୍ଡି ଲାଇଟ୍ ରେଳପଥର ୧୨୫ତମ ବାର୍ଷିକୀ ମଙ୍ଗଳବାର ପାଳନ କରାଯାଇଛି। ଓଡ଼ିଶାର ପ୍ରଥମ ଉତ୍ସର୍ଗୀକୃତ ରେଳ ଲାଇନ ଭାବେ ପାରଳାଖେମୁଣ୍ଡିର ଗଜପତି ମହାରାଜାଙ୍କ ପୃଷ୍ଠପୋଷକତାରେ ୧୮୯୯ ମସିହାରେ ଏହି ଷ୍ଟେଶନ ପ୍ରତିଷ୍ଠିତ ହୋଇଥିଲା। ଏହା ଓଡ଼ିଶାର ପ୍ରଥମ ନ୍ୟାରୋ-ଗଜ୍ ରେଳ ଲାଇନ ମଧ୍ୟ ଥିଲା ଏବଂ ରାଜ୍ୟର ସବୁଠାରୁ ପୁରୁଣା ରେଳ ଷ୍ଟେଶନ ମଧ୍ୟରୁ ଗୋଟିଏ। ଏହି ଷ୍ଟେଶନଟି ପାରଳାଖେମୁଣ୍ଡିକୁ ନୂଆପଡା ଏବଂ ଗୁଣୁପୁର ସହିତ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହା ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ୨୦୦୨ ସେପ୍ଟେମ୍ବର ୨୭ରେ ନୂଆପଡାଠାରେ ନୂଆପଡା-ଗୁଣୁପୁରର ଗଜ୍ ପରିବର୍ତ୍ତନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୦୦୩ ଏପ୍ରିଲ ୧ରୁ ଏହା ନବଗଠିତ ପୂର୍ବତଟ ରେଳପଥର ଏକ ଅଂଶ ହୋଇଥିଲା। ୨୦୦୪ ଜୁନ୍ ୯ରେ ଗଜ୍ ପରିବର୍ତ୍ତନ ପାଇଁ ଏହି ଲାଇନ୍‌କୁ ବନ୍ଦ କରିଦିଆଯାଇଥିଲା। ୨୦୧୧ ଅଗଷ୍ଟ ୨୨ରେ ପୁରୀ-ଗୁଣୁପୁର ପାସେଞ୍ଜର ପ୍ରଚଳନ ସହିତ ଏହି ମାର୍ଗରେ ବ୍ରଡ଼ଗଜ୍ ସେବା ପ୍ରାରମ୍ଭ କରାଯାଇଥିଲା। ତେବେ ୧୨୫ତମ ବାର୍ଷିକୀ ପାଳନ ଅବସରରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରବନ୍ଧ ଲେଖା, ଚିତ୍ରାଙ୍କନ ଏବଂ ଚିତ୍ରକଳା ଏବଂ 'ବୀରାସତ୍ ସେ ବିକାଶ ତକ୍' (ଐତିହ୍ୟରୁ ବିକାଶ ପର୍ଯ୍ୟନ୍ତ) ବିଷୟବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରେଳପଥର ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନସାଧାରଣ, ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ।

# ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

ଫୁଲବାଣୀ ଅଫିସ, ପାରଳାଖେମୁଣ୍ଡି, ୧।୪ (ରାକେଶ କୁମାର ରାଉତ/ (ଗିରିଧାରୀ ପରିଛା)

କନ୍ଧମାଳ ଜିଲା ଫୁଲବାଣୀ ସହର ମାଦିକୁନ୍ଦା ଛକ ପାଖ ପୋଲିସ ରିଜର୍ଭ ପଡିଆରେ ମଙ୍ଗଳବାର ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଏସ୍‌ପି ହରିଶ ବିସି ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ । ପୋଲିସ କିପରି ଲୋକଙ୍କ ପାଖରେ ପହଞ୍ଚିବ ଏବଂ ସମସ୍ତଙ୍କୁ ସହାୟତା ଯୋଗାଇ ଦେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୋଲିସ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ ଜଣ ପୋଲିସ ଅଧିକାରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯକ୍ରମରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର ପରେଡ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଏବଂ ପୋଲିସ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା

ସେହିପରି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥ ରିଜର୍ଭ ପୋଲିସ ପଡିଆଠାରେ ଜିଲାସ୍ତରୀୟ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସେ ତାଙ୍କ ବକ୍ତବ୍ୟରେ ପୋଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତୃତୀୟ ବଟାଲିୟନ କମାଣ୍ଡାଣ୍ଟ ଅଶୋକ ମହାନ୍ତି, ଏସ୍‌ଡିପିଓ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଅଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଓ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଜଳଛତ୍ରରେ ଜଳ ନାହିଁ

ପୋଲସରା,୧।୪ (ସୁବ୍ରତ ବେହେରା)

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପୋଲସରା ଏନଏସି ପକ୍ଷର ବିଭିନ୍ନ ସ୍ଥାନରେ ଦୀର୍ଘ ୧୫ ଦିନ ହେବ ଜଳଛତ୍ର ପାଇଁ ଟେଣ୍ଟ ଭିଡା ହୋଇ ବିଜ୍ଞାପିତ ଅଞ୍ଚଳ ପରିଷଦ ଜଳଛତ୍ର ବୋଲି ପୋଷ୍ଟର ଲଗାଯାଇଛି। ମାତ୍ର ଏହି ଜଳଛତ୍ରଗୁଡିକରେ ଶୋଷ ମେଣ୍ଟାଇବାକୁ ଜଳ ନାହିଁ। ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ପୋଲସରା ବ୍ଲକର ୨୬ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ବହୁ ବ୍ୟକ୍ତି ପୋଲସରା ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଶୋଷ ଲାଗିଲେ ଜଳ ଟିକେ ଖୋଜିଲେ ଜଳଛତ୍ରଗୁଡିକରେ ମିଳୁନାହିଁ। ଏନଏସି ସହରର ବିଭିନ୍ନ ସ୍ଥାନରେ ୧୩ଟି ଛଳଛତ୍ର ଖୋଲିଥିବା ବେଳେ ସେଥିରୁ କେବଳ ଦୁଇଟି ଜାଗାରେ ଜଳଛତ୍ରରେ ଜଳ ମିଳୁଥିବା ବେଳେ ଅନ୍ୟ ସବୁ ଜଳଛତ୍ରଗୁଡିକରେ ଜଳ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ଏନେଇ ଏନଏସି ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ମୁଁ ଏବେ ବାହାରେ ଅଛି ବୋଲି କହି ନୀରବ ରହିଥିଲେ।




ସହରର ବ୍ଲକଛକସ୍ଥିତ ଜଳଛତ୍ର କେନ୍ଦ୍ରରେ କେବଳ ପୋଷ୍ଟର ମରାଯାଇଛି, ଜଳ ନାହିଁ।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ଭଞ୍ଜନଗର,୧।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ଓଡିଶା ଦିବସ ପାଳନ ହୋଇଛି । ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉପଜିଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଅବିନାଶ ମହାର, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରି ସଭା ନାୟକ, ପ୍ରାଧ୍ୟାପକ ଦାମୋଦର ଷଡ଼ଙ୍ଗୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଉପସ୍ଥିତ ଥିଲେ। ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଭା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଆସିକା,(ସୁରେନ୍ଦ୍ର ନାଥ ସାହୁ)** ଆସିକାର ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି । ଆସିକା ବିଧାୟକ ସରୋଜ କୁମାର ପାଢୀ ହରିହର ହାଇସ୍କୁଲସ୍ଥିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି କଂଗ୍ରେସ ନେତା ଦେବକାନ୍ତ ଶର୍ମା ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମପି ପ୍ରମିଳା ବିଷୋୟୀ, ଯୁବ ନେତା ନଚିକେତା ସ୍ୱାଇଁ, ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ ବରପୁତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଓ ଆସିକା ବିଜ୍ଞାନ କଲେଜରେ ଡ. ନନ୍ଦିତା ଦାସଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ କରାଯାଇଛି।

**ପାତ୍ରପୁର,(ଉମା ଚରଣ ନେପାକ)–** ପାତ୍ରପୁର ବ୍ଲକରେ ଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦ ପକ୍ଷରୁ ଭରତପତି ମହାବିଦ୍ୟାଳୟଠାରେ ଓଡ଼ିଶା ଦିବସ ପାଳନ ଓ କବିତା ଆସର ଅନୁଷ୍ଠିତ ହୋଇଛି। ସୁଦୀପ୍ତ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ଉପସଭାପତି ଶଶାଙ୍କ ପ୍ରଧାନ, ସାହିତ୍ୟ ସମ୍ପାଦକ ଦଣ୍ଡାସି ପ୍ରଧାନ, କୋଷାଧ୍ୟକ୍ଷ ରାମ ଗୋପାଳ ପାଢ଼ୀ, ସେବା ସମ୍ପାଦକ ନିଶାମଣି ପ୍ରଧାନ ଅତିଥି ରୂପେ ଉପସ୍ଥିତ ଥିଲେ। ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅନୁଷ୍ଠିତ କବିତା ଆସରରେ କବୟିତ୍ରୀ କବିମାନେ କବିତା ପାଠ କରିଥିଲେ। ସମ୍ପାଦକ ମାଧବ ବାଡ଼ତ୍ୟା ସଂଯୋଜନା କରିଥିଲେ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)–** ଖଲ୍ଲିକୋଟ ଏନଏସି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏନଏସି ଅଧ୍ୟକ୍ଷ ଇଂ ନିରଞ୍ଜନ ବେହେରା ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀ, ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକ ଏବଂ ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାଉନସିଲର ପ୍ରଦୀପ ପଟ୍ଟନାୟକ, ସୁଜତା ସାମନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଛତ୍ରପୁର,(ଦିଲୀପ ସାମଲ):** ଛତ୍ରପୁର ସଂସ୍କୃତି ବିକାଶ ପରିଷଦ ଏବଂ ରୋଟାରୀ କ୍ଲବର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅମର ପ୍ରସାଦ ବିଶୋୟୀ ଯୋଗ ଦେଇଥିଲେ। ସଂସ୍କୃତି ବିକାଶ ପରିଷଦ ସଭାପତି ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ସମ୍ପାଦକ ଡ. ଅଜୟ ତ୍ରିପାଠୀ, ରୋଟାରୀ କ୍ଲବ ସଭାପତି ଡ. ବିମଳ ପ୍ରସାଦ ସାହୁ, ପରିଷଦର ସଦସ୍ୟ ବ୍ରଜ ମୋହନ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଛି। ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ୟୁ.ରବି କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସିଆରସିସି କିରଣବାଳା ତ୍ରିପାଠୀ ଯୋଗ ଦେଇଥିଲେ। ସେହିପରି ପିପୁଲ୍ଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ପୌରହିତ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଟଲ ଲିଙ୍ଗରାଜଙ୍କ ସଭାପତିତ୍ୱରେ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ହରିହର ମହାରଣାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଥିଲା।

**ମୋହନା, (ମନ୍ମଥ ମିଶ୍ର)–** ମୋହନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ମଙ୍ଗଳବାର ପାଳିତ ହୋଇଛି। ଥାନା ସମ୍ମୁଖରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ଆଇନଜୀବୀ ଓ ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୋହନା ଜର୍ନାଲିଷ୍ଟ ୟୁନିୟନ ପକ୍ଷରୁ ମଧ୍ୟ ଓଡ଼ିଶା ଦିବସ ପାଳନ ହୋଇଛି। ସଭାପତି ଅଶ୍ୱିନ ପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମିହିର ରଞ୍ଜନ ଜଟି ଧନ୍ୟବାଦ ଦେଇଥିଲେ।

# ମହାନଦୀ ଆଁରେ ବାହାକୁଦ କାଜୁ ଜଙ୍ଗଲ

ମହାକାଳପଡ଼ା,୧।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ରାମନଗର ପଞ୍ଚାୟତ ବାହାକୁଦ ମୌଜା ସଂଲଗ୍ନ ମହାନଦୀ ଢେଉ ମାଡ଼ରେ କାଜୁ ଜଙ୍ଗଲ ଅବକ୍ଷୟ ହେଉଛି।

- ବନ୍ୟ ଗଛ ମହାନଦୀ ଗର୍ଭରେ ଲୀନ
- ସାମୁଦ୍ରିକ ଜୁଆର ଢେଉ ମାଡ଼ରେ କୂଳ ଲଙ୍ଘୁଛି
- ଶିଳ୍ପ ସଂସ୍ଥା ନିଆଁ ଧୂଆଁରେ କାଜୁ ବାଦାମ ଅମଳ ହ୍ରାସ ପାଉଛି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ବାହାକୁଦ ମୌଜା କାଜୁ ଜଙ୍ଗଲ ମହାନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ସାମୁଦ୍ରିକ ଜୁଆର ଢେଉ ମାଡ଼ରେ କୂଳ ଲଙ୍ଘୁଛି। ଫଳରେ ନଦୀ ପାର୍ଶ୍ୱରେ ଶତାଧିକ ସଂଖ୍ୟାରେ କାଜୁ ଗଛ ମହାନଦୀରେ ଧରାଶାୟୀ ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୭୨ ମସିହାଠାରୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାଜୁ ଚାରା ରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୦ମସିହାଠାରୁ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧିନକୁ ଆସିଥିଲା। ରାମନଗର ମୌଜାର ୩୫୪ ଏକର ଜମିରେ ୧୦ ହଜାର ଗଛ, ପିତାପାଟ ମୌଜାର ୧୮୪ ଏକର ଜମିରେ ୫ ହଜାର ଗଛ ଓ ବାହାକୁଦ ମୌଜାର ୨୮୨ ଏକର ଜମିରେ ୫ ହଜାର କାଜୁ ଗଛ ରହିଛି। ହେଲେ ୧୯୯୯ ମହାବାତ୍ୟାରେ ବହୁସଂଖ୍ୟାରେ କାଜୁ ଗଛ ଧରାଶାୟୀ ହୋଇଥିଲା। ପରେ କାଜୁ ନିଗମ ପକ୍ଷରୁ ନୂଆ କାଜୁ ଚାରା ରୋପଣ କରାଯାଇଥିଲା। ଏହି କାଜୁ ଜଙ୍ଗଲକୁ ପ୍ରତିବର୍ଷ ନିଗମ ମାଧ୍ୟମରେ ବାର୍ଷିକ ପ୍ରକ୍ରିୟା ଆରମ୍ଭ କରି ରାଜସ୍ୱ ମିଳିଥାଏ। କିଛିବର୍ଷ ହେବ ପାରାଦୀପ ଶିଳ୍ପ ସଂସ୍ଥା ନିଆଁ, ଧୂଆଁ, ଧୂଳିରେ କାଜୁ ବାଦାମ ଫଳ ବହୁ ପରିମାଣରେ ଉତ୍ପାଦନ ହ୍ରାସ ପାଇଛି। ଅପରପକ୍ଷରେ ମାର୍ଚ୍ଚ ଶେଷ ହେଲାଣି ହେଲେ ଚଳିତବର୍ଷ କାଜୁ ଜଙ୍ଗଲ ନିଲାମ ହୋଇନାହିଁ ବୋଲି କୁହାଯାଇଛି। କାଜୁ ଉନ୍ନୟନ ନିଗମ ଆଞ୍ଚଳିକ ଅଫିସ୍ ଚଣ୍ଡିଖୋଲରେ ଥିବାରୁ ଏଠିକି ନିଗମ କର୍ମଚାରୀମାନେ ଆସୁନାହାନ୍ତି। ଫଳରେ କାଜୁ ଜଙ୍ଗଲ ପ୍ରତି ନିଗମ କର୍ମଚାରୀଙ୍କ ନିଘାନାହିଁ। ସ୍ଥାନୀୟ ଲୋକମାନେ ଏହି ଜଙ୍ଗଲରୁ ଗଛ କାଟିବା ସହ ବାଲି ଖୋଳି କେତେଜଣ ବ୍ୟବସାୟୀ ବିକ୍ରି କରି ମାଲାମାଲ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ ବାହାକୁଦ ମୌଜା ଅଧୀନ କାଜୁ ଜଙ୍ଗଲ ୨୮୨ ଏକର ଜମି ରହିଛି। ସେଥିମଧ୍ୟରୁ ୩୦ରୁ ୪୦ ଏକରରୁ ଅଧିକ ଜମି ମହାନଦୀ ଗର୍ଭକୁ ଚାଲି ଗଲାଣି। ୨ଶହରୁ ୩ଶହ କାଜୁ ଗଛ ନଷ୍ଟ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। କାଜୁ ଜଙ୍ଗଲ ଜଗିବା ପାଇଁ ଦୁଇଜଣ ଜଗୁଆଳି ଥିଲେ ମଧ୍ୟ ଦିନ ଦି ପ୍ରହରରେ ଅବାଧରେ କାଜୁ ଜଙ୍ଗଲ କାଟି ଜାଳେଣି ଭାବେ ଖୁଲମ୍ ଖୁଲା ନେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ରାମନଗର କାଜୁ ଜଙ୍ଗଲରୁ କୌଣସି ଗଛ କାଟିବା ନଜରକୁ ଆସେ ଓ ଯଦି କେହି ଜଙ୍ଗଲ ମଧ୍ୟରୁ ବାଲି ଉଠାଉଥାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କୁଜଙ୍ଗ ବାର୍ ଆସୋସିଏଶନରେ ଓଡ଼ିଶା ଦିବସ ପାଳିତ



କୁଜଙ୍ଗ ବାର୍ ଆସୋସିଏଶନର ସଦସ୍ୟମାନେ ଓଡ଼ିଶା ଦିବସ ପାଳନ କରୁଛନ୍ତି।

କୁଜଙ୍ଗ,୧।୪(ମନୋଜ ପ୍ରଧାନ)

କୁଜଙ୍ଗ ବାର ଆସୋସିଏଶନ ତରଫରୁ ୯୦ଷ୍ତମ ଓଡ଼ିଶା ଦିବସ ପାଳନ କରାଯାଇଅଛି। ଏହି ଅବସରରେ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରି ସ୍ୱତନ୍ତ୍ର ଭାଷାର ପରିଚୟ ଦେଇଥିବା ମଧୁସୂଦନ ଦାସ, ରାଧାନାଥ ରାୟ, ଫକୀର ମୋହନ ସେନାପତି, ଗୋଦାବରୀଶ ମିଶ୍ର ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏସବୁ ମହାପୁରୁଷଙ୍କ ଉଦ୍ୟମରେ ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ପାଇଥିଲା ବୋଲି ଅତିଥିମାନେ କହିଥିଲେ। ଅନ୍ୟପଟେ ବାର ଆସୋସିଏଶନର ସଭାପତି ଏନ୍‌ଡି ଯାଦବ, ଉପସଭାପତି ବିଚିତ୍ରାନନ୍ଦ ସ୍ୱାଇଁ, ସମ୍ପାଦକ ବ୍ରଜ କିଶୋର ରାଉତ, ସହ ସମ୍ପାଦକ ରଞ୍ଜିତ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଦୀପକ କୁମାର ନାୟକ, ପାଠାଗାର ସମ୍ପାଦକ ଜ୍ଞାନରଞ୍ଜନ ବିଶାଳ, କୋଷାଧ୍ୟକ୍ଷ ଅଭୟ କୁମାର ବେହେରା, କାର୍ଯ୍ୟକର୍ତ୍ତା ସୁବୋଧ କୁମାର ଶତପଥୀ, ପାର୍ଥସାରଥି ମହାନ୍ତି, ପ୍ରଶାନ୍ତ କୁମାର ବାରିକ ଓ ବାର ସଦସ୍ୟ ସୁବର୍ଣ୍ଣ ମିଶ୍ର, ରାକେଶ ଦଳେଇ ଓ ମୋହରିୟର ସଂଘର ଉପଦେଷ୍ଟା ପର୍ଶୁରାମ ସାହୁ ଏବଂ ବରିଷ୍ଠ ଭେଣ୍ଡର ରବୀନ୍ଦ୍ର ନାଥ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଶିଶୁ ମନ୍ଦିରରେ ଖଡ଼ିଛୁଆଁ ଉତ୍ସବ

ଜଗତ୍‌ସିଂହପୁର,୧।୪ (ପ୍ରମୋଦ ନାୟକ)

ଏପ୍ରିଲ ୧ ଓଡ଼ିଶା ଦିବସ ପାଳନ ଅବସରରେ ବିରିଡି ବ୍ଲକ ବତିମୀରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ ବା ଖଡିଛୁଆଁ ଉତ୍ସବ ପାଳନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ସୁବାସିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ପରେ ପ୍ରବେଶ ଉତ୍ସବ ବା ଖଡିଛୁଆଁ କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଉପସ୍ଥିତ ମାତୃମଣ୍ଡଳୀମାନଙ୍କ ଦ୍ୱାରା ନିକଟସ୍ଥ ଅନନ୍ତ ସାଗର ପୋଖରୀରୁ କଳସ ଶୋଭାଯାତ୍ରା କରାଯିବା ସହ ବିଦ୍ୟାମନ୍ଦିର ପରିସରରେ ଗାୟତ୍ରୀ ଯଜ୍ଞ ଆୟୋଜନ କରାଯାଇଥିଲା। ଏହା ସାରିବାପରେ ନୂତନ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ଗହଣରେ ଖଡିଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ତରଫରୁ ବିଭିନ୍ନ ପ୍ରଦର୍ଶନୀ ଯଥା କୋଣ ଓ ସଂଖ୍ୟା ଜ୍ଞାନ, ଗଣିତ ଜ୍ଞାନ ଭଳି ଅନେକ ଶିକ୍ଷା ଉପକରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ, ସମ୍ପାଦକ, ସଭାପତି ତଥା ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜଗତ୍‌ସିଂହପୁର ଜିଲାର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲରେ କୁଜଙ୍ଗ ଭୂତମୁଣ୍ଡାଇ ବଜାରରୁ ଉଦ୍‌ବୃତ୍ତ ଆବର୍ଜନା ପଡ଼ିରହିଛି। ଏହି ପାଣିକୁ ପାରାଦୀପର ସମସ୍ତ ଲୋକ ପାନୀୟ ଜଳଭାବେ ବ୍ୟବହାର କରୁଛନ୍ତି।

# ଜନଶକ୍ତି ପାର୍ଟି ପକ୍ଷରୁ ଉତ୍କଳ ରଥ ପରିକ୍ରମା

ଡେରାବିଶ, ୧।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରଠାରେ ଜନଶକ୍ତି ପାର୍ଟି ପକ୍ଷରୁ ଆରମ୍ଭ ହୋଇଥିବା ଉତ୍କଳ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ାରୁ ଏହି ଉତ୍କଳ ରଥ ବାହାରି ଚାନ୍ଦୋଳଠାରେ ପହଞ୍ଚିଥିଲା। ଏହି ଅବସରରେ ଚାନ୍ଦୋଳଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାସ କହିଥିଲେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଦିଆଯିବାକୁ ଦାବି କରିଥିଲେ। ଏଥିସହ ବକେୟା ବିଦ୍ୟୁତ୍ ଶୁଳ୍କ ଛାଡ଼, ରିଲିଫ କୋଡ ସଂଶୋଧନ, ଉଚ୍ଚଶିକ୍ଷା ନିମନ୍ତେ ସୁଧ ମୁକ୍ତ ଋଣ, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଓ ସ୍ଥାୟୀ ନିଯୁକ୍ତି ସହ କୃଷକଙ୍କୁ ପେନ୍‌ସନ ବ୍ୟବସ୍ଥା ଭଳି ୬ଦଫା ଦାବି ନେଇ ଜନଶକ୍ତି ପାର୍ଟି ନିଜର ଆଭିମୁଖ୍ୟ ରଖିଥିବା ଘୋଷଣା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମହାଦେବ ସେନା ଅଧ୍ୟକ୍ଷ ବାବା ଧନେଶ୍ୱର ଦାସ, ରମାକାନ୍ତ ମାହାଳି, ସୁବାସ ସାହୁ, ଗୌତମ ବେହେରା, ରାଜକୁମାର ନାୟକ, ଅଭିରାମ ସେଠୀ ଓ ଆଶୋକ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଓଡ଼ିଆ ଭାଷା ପ୍ରତି ପ୍ରତିବଦ୍ଧତା ରହିବା ଦରକାର

ପାରାଦୀପ, ୧।୪(ଶରତ ରାଉତ)

ପାରାଦୀପ ମଧୁବନ ଅଫିସର୍ସ କ୍ଲବ ପରିସରରେ ମଙ୍ଗଳବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଉତ୍କଳ ସମ୍ମିଳନୀ ପାରାଦୀପ ଶାଖା ପକ୍ଷରୁ ଆୟୋଜିତ ଏହି ଆଲୋଚନାରେ ସଭାପତି ଧ୍ରୁବ ଚରଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥିଭାବେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନୃସିଂହ ଚରଣ ବେହେରା, ସବିତା ମହାପାତ୍ର, ଗୋଲାପରାଣୀ ସାହୁ ପ୍ରମୁଖ ଭାଗ ନେଇ ଓଡ଼ିଆ ଭାଷା ଉପରେ ଆଲୋଚନା କରିଥିଲେ। ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ମାନ୍ୟତା ପାଇଥିଲେ ହେଁ ଏପର୍ଯ୍ୟନ୍ତ ଭାଷା ପ୍ରତି ଆନ୍ତରିକତା ନାହିଁ। ଦକ୍ଷିଣ ଭାରତରେ ଯେପରି ଭାଷା ପ୍ରତି ପ୍ରତିବଦ୍ଧତା ରହିଛି, ସେପରି ଆମେ ସମସ୍ତେ କରିବା ଦରକାର ବୋଲି ଅତିଥି ସାମଲ କହିଥିଲେ। କାର୍ଯ୍ୟକ୍ରମକୁ ତୁଳସୀ ବରାଳ, କ୍ଷେତ୍ରମୋହନ ସାହୁ, ନଗେନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଗାଁର ଉନ୍ନତିରେ ଭାଗୀଦାରି ହେବାକୁ ଆହ୍ୱାନ

ଜଗତ୍‌ସିଂହପୁର, ୧।୪ (ପ୍ରମୋଦ ନାୟକ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ପୁରୁଷମାନେ।

ଜଗତ୍‌ସିଂହପୁର କଣ୍ଟାବଲ୍ଲଭପୁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ଗ୍ରାମର ମା' ଭଉଣୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉତ୍କଳ ଜନନୀ ସଂଗୀତ ଗାନ କରାଯିବା ପରେ ମହାପାତ୍ର ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ସଭାରେ ସର୍ବସମ୍ମତିକ୍ରମେ ମୋ ଗାଁ ଅଭିଯାନ ନାମକ ଏକ ସଙ୍ଗଠନ ଗଠନ କରାଯାଇଥିଲା। 'ଗାଁର ଉନ୍ନତିରେ ମୋର ଭୂମିକା' ଶୀର୍ଷକ ଆଲୋଚନା କରାଯାଇଥିଲା। ଗାଁର ସଂସ୍କୃତି, ପରମ୍ପରା, ସ୍ୱାଭିମାନ, ସ୍ୱାସ୍ଥ୍ୟ, ପରିମଳ ଓ ଶିକ୍ଷାର ଉନ୍ନତି ସହ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ମୁଖ୍ୟଅତିଥି ଅଧ୍ୟାପକ ରମା ରଞ୍ଜନ ସ୍ୱାଇଁ, ମୁଖ୍ୟବକ୍ତା ଶିକ୍ଷାବିତ୍ ବାବାଜୀ ଚରଣ ସାହୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଗାଁର ଉନ୍ନତିରେ ସମାଜର କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସାହୁ, ସୁମିତ୍ରା ସାହୁ, ସତ୍ୟଭାମା ସାହୁ, ସବିତା ସାହୁ, ଉଷାରାଣୀ ବେହେରା, ସବିତା ବେହେରା, ସୁଷମା ବେହେରା, ମିନତି ବେହେରା, ମମତା ବେହେରା, କାଞ୍ଚନ ବେହେରା, ଛବିଲତା ବେହେରା ଓ ଲୋଚନା ବେହେରା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ନାରୀ ନେତ୍ରୀ ଜୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# କେନାଲକୁ ଖସିଲା କାର୍: ବିଜେଡି ନେତା ମୃତ

ମାଣିଆବନ୍ଧ,୧।୪ (ଅଖିଳ କୁମାର ସାହୁ)

କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲରେ ସୋମବାର ସନ୍ଧ୍ୟାରେ ଏକ କାର୍ କେନାଲ ଭିତରକୁ ଖସିପଡ଼ିଛି। ଫଳରେ ମାଣିଆବନ୍ଧ ଥାନା ଅନ୍ତର୍ଗତ ବାଙ୍ଗରସିଂହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଟକ ଜିଲା ବିଜେଡି ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ (୫୨)ଙ୍କ ମୃତ୍ୟୁ ଘଟିଛି। କାର୍‌ରେ ତାଙ୍କ ସହ ଥିବା ବନ୍ଧୁ ତଥା ଖବରଦାତା, ପ୍ରମୋଦ ପଣ୍ଡାଙ୍କ ସମେତ ଅନ୍ୟ ୨ ଜଣ ଆହତ ହୋଇଛନ୍ତି।

ସୋମବାର ସନ୍ଧ୍ୟାରେ ସଞ୍ଜୟ ଓ ଅନ୍ୟମାନେ ଢେଙ୍କାନାଳରୁ ବଡ଼ମ୍ବା ଫେରୁଥିଲେ। ସଞ୍ଜୟ କାର୍ ଚଳାଉଥିଲେ। ରେଙ୍ଗାଲି ଦକ୍ଷିଣ କେନାଲ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ପାଣି ଭିତରକୁ ପଶିଯାଇଥିଲା। ବୁଡିଯାଇଥିବା କାର୍‌ରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସଞ୍ଜୟ ଓ ପ୍ରମୋଦଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, କଟକ ଜିଲା ଭାଜପା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଭାଜପା ନେତା ଭଗବାନ ପରିଡ଼ାଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି ସଞ୍ଜୟଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

# ଡେରାବିଶ ପାଠାଗାରର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଡେରାବିଶ,୧।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର କିରଣକୁଞ୍ଜସ୍ଥିତ ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଓ ଏହାର ପ୍ରତିଷ୍ଠାତା ଇଂ. ବାନାମ୍ବର ଦାସଙ୍କ ସ୍ମୃତିଚାରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପାଠାଗାର ସଭାଗୃହରେ ହୋଇଥିବା ଉତ୍ସବରେ ଏହାର ସଭାପତି ଇଂ. ଭକ୍ତକବି ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିଷ୍ଣୁଚରଣ ବାରିକ ମୁଖ୍ୟ ଅତିଥି ଓ ଛତାସ୍ଥିତ କେନ୍ଦ୍ରାପଡା ପଲ୍ଲୀ ଟେକନିକ କଲେଜର ଅଧ୍ୟକ୍ଷ ଡ. ଗୁଣନିଧି ପ୍ରଧାନ ମୁଖ୍ୟବକ୍ତା ଏବଂ ଡେରାବିଶ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାପକ ଚନ୍ଦ୍ରଶେଖର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପାଠାଗାର ପ୍ରତିଷ୍ଠାତା ଦାସ ଏକ ସମୟରେ ରାଜ୍ୟର ସର୍ବୋଚ୍ଚ ଯନ୍ତ୍ରୀ ଭାବେ କାର୍ଯ୍ୟକରି ଅଞ୍ଚଳରେ ଜଳସେଚନର ସୁବିଧା, ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପାଠାଗରର ଉପଦେଷ୍ଟା ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାକର ସାମଲଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପାଠାଗାର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଧାପକ ଚିତ୍ତରଞ୍ଜନ ଦାଶ, ହଳଧର ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଓ ଦୀପକ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପାଠାଗାର କର୍ମକର୍ତ୍ତା ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ। ଉତ୍ସବ ପରିଚାଳନାରେ ପାଠାଗାରର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ,୧।୪ (କଳ୍ପତରୁ ନାୟକ)

- ଚାରିଆଡ଼େ ଚାଲିଛି ବେଧଡ଼କ ନିଶା କାରବାର
- ସ୍ପିଡ୍ ବାଇକ୍‌ଧାରୀ କରୁଛନ୍ତି ଉତ୍ପାତ
- ପୋଲିସର ନାହିଁ କଟକଣା
- ବିକଟାଳ ହର୍ନରେ ଫାଟି ପଡ଼ୁଛି କାନ



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖ ଅଞ୍ଚଳର ଗଳିକନ୍ଦିରେ ନିଶା କାରବାର ବୃଦ୍ଧି ପାଇବା ସହ ସ୍ପିଡ୍ ବାଇକଧାରୀଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଛି, ଯାହାକୁ ନେଇ ସହରାଞ୍ଚଳରୁ ଗ୍ରାମାଞ୍ଚଳର ଲୋକେ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ରମେଶ ଦାସ, ପ୍ରେମାନନ୍ଦ ପଣ୍ଡା, ରବୀନ୍ଦ୍ର ଭଞ୍ଜ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନେକ ରାସ୍ତାକଡ଼ ପାନ, ଚା' ଦୋକାନ ପାଲଟିଛି ନିଶା ବ୍ୟବସାୟର ପେଣ୍ଠ ସ୍ଥଳ। କେଉଁଠି ପାଣି ବୋତଲରେ ମଦ ମିଳୁଛି ତ କେଉଁଠାରେ ସିଗାରେଟରେ ଗଞ୍ଜେଇ, ଆଉ କେଉଁଠି ଧଳାପୁଡିଆରେ ବ୍ରାଉନସୁଗାର ବିକ୍ରି ହେଉଛି। ସନ୍ଧ୍ୟା ହେଲେ ବିଭିନ୍ନ ଛକରେ ନିଶାଡିଙ୍କ ଆଡ୍ଡା ଜମୁଛି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଯୁବତୀ, ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୋଲିସ ଅଧିକାରୀଙ୍କ ବାରମ୍ବାର ବଦଳି ନିଶା ବେପାରୀଙ୍କୁ ସୁହାଉଥିବା ବେଳେ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ପରି ଅନୁମେୟ ହେଉଛି। ପୋଲିସଙ୍କୁ ଖାତିର ନ କରି ମାଫିଆମାନେ ବେଧଡ଼କ କାରବାର ଚଳାଇଛନ୍ତି। ଏହାକୁ ନେଇ ପଟ୍ଟାମୁଣ୍ଡାଇ ସହରାଞ୍ଚଳରୁ ଗ୍ରାମାଞ୍ଚଳର ଲୋକେ ହଇରାଣ ହୋଇଚାଲିଛନ୍ତି। ସେହିପରି ଯୁବପିଢ଼ିମାନେ ନିଶା ସେବନ ପରେ ସ୍ପିଡ୍ ବାଇକ୍ ଧରି ରାସ୍ତାରେ ଖୁବ୍ ସ୍ପିଡରେ ଯାତାୟାତ କରୁଛନ୍ତି, ଯାହାକୁ ନେଇ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ସ୍ପିଡ୍ ବାଇକଧାରୀଙ୍କ ଉତ୍ପାତ ସହରରେ ବଢ଼ି ଚାଲିଛି। ସହର ମଧ୍ୟରେ ୩୦ କି.ମି. ଗତିରେ ବାଇକ୍ ଚଳାଇବାର ନିୟମ ଥିଲେ ମଧ୍ୟ ସ୍ପିଡ୍ ବାଇକ୍‌ଧାରୀ ଏହାକୁ ଖାତିର କରୁନାହାନ୍ତି। ସ୍ପିଡ୍ ସାଙ୍ଗକୁ ବିକଟାଳ ହର୍ନରେ କାନ ଫଟାଇ ଦେଉଛନ୍ତି। ସ୍ପିଡ୍ କାରଣରୁ ନିଜେ ଦୁର୍ଘଟଣାର ଶିକାର ହେଉଛନ୍ତି, ଅନ୍ୟମାନଙ୍କୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେବା ସହ ପଙ୍ଗୁ କରି ଦେଉଛନ୍ତି। ସ୍ପିଡ୍ ବାଇକ୍‌ଧାରୀ ଓ ବିକଟାଳ ହର୍ନ ବଜାଉଥିବା ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଥିଲେ ମଧ୍ୟ ପୋଲିସ କେବଳ ହେଲମେଟ ଚେକିଂରେ ମାତିଛନ୍ତି। ଏଣେ ବେଳକୁ ବେଳ ନିଶାଡ଼ି ଏହି ସ୍ପିଡ୍ ବାଇକ୍‌ଧାରୀଙ୍କ ଉତ୍ପାତ ବଢ଼ି ଚାଲିଛି। ପଟ୍ଟାମୁଣ୍ଡାଇ-ବକ୍ତାରପୁର ଭିତରେ ୪ଟି ସ୍କୁଲ ଓ ୨ଟି କଲେଜର ଛାତ୍ରୀଛାତ୍ର ଯାତାୟାତ କରନ୍ତି। ଏହି ରାସ୍ତାରେ ସେମାନେ ଏମିତି ଭାବେ ବାଇକ୍ ଚଳାଉଛନ୍ତି ଯେ ଅନ୍ୟମାନେ ତାଙ୍କୁ ଦେଖି ଛାନିଆ ହୋଇଯାଉଛନ୍ତି। ଏହା ଛଡ଼ା ବାଇକ୍‌କୁ ଅନ୍ୟ ଏକ ବାଇକ୍ ଓ କାର ସମ୍ମୁଖରେ ସର୍ପିଳ ଢଙ୍ଗରେ କାଟି ପାସ୍ କରୁଛନ୍ତି। ରାତି ୮ଟା ପରେ ପରିସ୍ଥିତି ଜଟିଳ ହୋଇପଡୁଛି। ବାଇକ୍ ଷ୍ଟାଣ୍ଡକୁ ରାସ୍ତାରେ ଘଷିଘଷି ନିଆଁ ବାହାର କରୁଛନ୍ତି। ଏକାବେଳକେ ୩ରୁ ୪ ବାଇକ୍ ଚାଳକ ଏଭଳି ବିଭିନ୍ନ ରାସ୍ତାରେ ଉତ୍ପାତ ଓ ଆତଙ୍କ ଖେଳାଉଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ନିଶାଡ଼ି ଯୁବକମାନେ ଦ୍ରୁତଗାମୀ ବାଇକ ଧରି ବିନା ହେଲମେଟରେ ଅତ୍ୟନ୍ତ ଦ୍ରୁତଗତିରେ ଯାଉଛନ୍ତି। ଏମାନେ ଦ୍ରୁତଗତିରେ ବାଇକ୍ ଚଳାଇ ଅନ୍ୟ ବାଇକ୍ ଚାଳକଙ୍କୁ ଅସୁବିଧାରେ ପକାଉଥିବା ବେଳେ ଜନସାଧାରଣ ଯିବାଆସିବାକୁ ଭୟ କରୁଛନ୍ତି। ଯଦିଓ ପୋଲିସ ପକ୍ଷରୁ କିଛି ସମୟରେ ଯାଞ୍ଚ କରାଯାଉଥିଲେ ହେଁ ଏହା ଅଳ୍ପ କିଛି ସମୟ ପାଇଁ। ଏହି ସମୟରେ ଏମାନେ ଅନ୍ୟ ସାହି ଓ ଗଳି ରାସ୍ତାରେ ଯିବା ଆସିବା କରୁଛନ୍ତି। ଯାଞ୍ଚକୁ ନିୟମିତ କରିବା ସହ ନିଶାଡି ବାଇକ୍ ଚାଳକଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡାଙ୍କୁ ପଚାରିବାରେ ଚେକିଂ କରାଯାଇ ଫାଇନ ଆଦାୟ ହେଉଛି। ଚୋରା ମଦ ମଧ୍ୟ ଜବତ କରାଯାଉଛି। ତଥାପି ଆଗକୁ ଏହି ଚଢାଉ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ଯୁବକଙ୍କ ଅକାଳ ବିୟୋଗ

ବ୍ରହ୍ମବରଦା,୧।୪(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମର ୧୧ନଂ. ୱାର୍ଡର ଶନ୍ତନୁ ଓଝାଙ୍କ କନିଷ୍ଠ ପୁତ୍ର ସମରଜିତ ଓଝା (୨୨) ଓରଫ ବବୁଲୁଙ୍କ ଅକାଳ ବିୟୋଗ ହୋଇଛି। ବବୁଲୁ ରବିବାର ରାତିରେ ଶୋଇଥିଲେ। କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକେ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ନଂ.୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଯାପିତ

ଚଢ଼େଇଧରା,୧।୪(ଦିଲୀପ ପରିଡ଼ା): ଗତ ୨ ମାସ ଧରି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲି ଆସିଥିବା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ସ୍ମୃତି ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଧର୍ମଶାଳାର ୫୪ ପଞ୍ଚାୟତର ୩୯୭୩୫ ଜଣ ରୋଗୀ ସ୍ୱାସ୍ଥ୍ୟସେବା ପାଇଛନ୍ତି। ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ଟ୍ରଷ୍ଟ ଓ ହାଇଟେକ ମେଡ଼ିକାଲ କଲେଜର ମିଳିତ ସହଯୋଗରେ ସମ୍ପାରୁ ଗ୍ରାମପଞ୍ଚାୟତଠାରେ ଚାଲିଥଲା। ଉକ୍ତ ଶିବିର ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବଡଭାଇ ସୀତାଂଶୁ ଶେଖର ସାହୁ ଏବଂ ମା ମିନତୀ ସାହୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁଧୀର ସାହୁ, ଡାକ୍ତର ପ୍ରତ୍ୟୁଷ ମହାରଣା, ହାଇଟେକ ମେଡ଼ିକାଲର ମୁଖ୍ୟ ଅଧିକାରୀଣୀ ମାଲକେନ ବେହେରା, ରାଜେଶ ପାଳ, ଆୟୁଷ୍ମାନ ପ୍ରିୟଦର୍ଶନ ତୀର୍ଥରାଜ ପଣ୍ଡା, ଦେବରାଜ ମିଶ୍ର, ଲୋକନାଥ ମହାନ୍ତି, ସବ୍ୟସାଚୀ ସୁନ୍ଦରାୟ ଏବଂ ହାଇଟେକ କଲେଜର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରି ୩ ମାସ ପାଇ ବିନା ମୂଲ୍ୟରେ ଔଷଧ ବଣ୍ଟନ କରିଥିଲେ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ସିଂହପୁର,୧।୪(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିକେୟୁଜି ଏମ୍‌ଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗୌଡ଼ିହ ବାଛୋଳ କ୍ଲଷ୍ଟରର ପୂର୍ବତନ ସଂଯୋଜକ ବିଜୟ କୁମାର ରୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କାଙ୍ଗାଳି ଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବେହୁରିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାମେଶ୍ୱର ବାରିକ ଯୋଗଦେଇ ପିଲାମାନଙ୍କୁ ପାଠ ପଢା ସହ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବଳ, କାଣ୍ଡିସାହି କ୍ଲଷ୍ଟର ସଂଯୋଜକ ପ୍ରିୟଦର୍ଶିନୀ ପରିଡ଼ା, ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମଲିକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରୀନାରାଣୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ ସାମଲ, ସତ୍ୟଜିତ ମଲିକ, ଅଶୋକ କୁମାର ଜେନା, ଶିକ୍ଷୟିତ୍ରୀ ବିମଳା ମଲିକ, ମୋନାଲିସା ନାୟକ, ସହଯୋଗୀ ଶିକ୍ଷୟିତ୍ରୀ ରଶ୍ମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଗୀତ, ନାଚ ଓ ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମହାପୁରୁଷଙ୍କୁ ସବୁବେଳେ ସ୍ମରଣ କରିବା ଆବଶ୍ୟକ



ଓଡ଼ିଶା ଦିବସ ପାଳନ ଉତ୍ସବରେ ଯୋଗଦେଇଥିବା ବାଲିଚନ୍ଦ୍ରପୁରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା।



ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

### ବରିଷ୍ଠ ନାଗରିକ ମଞ୍ଚ

ଚଣ୍ଡିଖୋଲ,୧।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଲକ୍ଷ୍ମୀ ମଣ୍ଡପ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ରତ୍ନାକର ପଣ୍ଡା, ଗାୟକ ଉପେନ୍ଦ୍ର ସାମନ୍ତରାୟ, ପ୍ରଶନ୍ନ କୁମାର ପରିଡା, ଗଦାଧର ଦାସ, ଶିକ୍ଷାବିତ ଇନ୍ଦ୍ରମଣି ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୀନବନ୍ଧୁ ବେହେରା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତି, ଉପେନ୍ଦ୍ର ନାଥ ସାଇଁ ପ୍ରମୁଖ ଯୋଗଦେଇ ଯେଉଁ ମହାପୁରୁଷମାନଙ୍କ ତ୍ୟାଗ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଛି, ସେମାନଙ୍କୁ ପ୍ରତ୍ୟେକ ସମୟରେ ସ୍ମରଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଶରତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ଜେନା, ରାମଚନ୍ଦ୍ର କର, ନଟବର ଦାସ, ନଟବର ସାମଲ, ନାରାୟଣ ଚନ୍ଦ୍ର ପରିଡ଼ା, ବିଳାସ ଚନ୍ଦ୍ର ବାରିକ, ଦୁଃଶାସନ ସାହୁ, ନେତ୍ରାନନ୍ଦ ସିଂହ, ଉମେଶ ଚନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ସେଠୀ, ଶ୍ୟାମସୁନ୍ଦର ଦାସ, ଚିତ୍ତରଞ୍ଜନ ରାଉତ, କୁଳମଣି ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମଧୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମୁଦୁଲି ଧନ୍ୟବାଦ ଦେଇଥିଲେ।

ସେହିପରି ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ରାମଚନ୍ଦ୍ର ଶୁକ୍ଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ବ୍ରହ୍ମାନନ୍ଦ ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ଶିକ୍ଷକ କେଦାର ନାଥ ସାହୁ, ସମ୍ମାନିତ ଅତିଥି ଶିକ୍ଷାବିତ କିଶୋର ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ଦାସ, ଆଇନଜୀବୀ ଦେବରାଜ ବେହେରା, ଶିକ୍ଷକ ଦେବୀପ୍ରସାଦ ରାଉତ, ପ୍ରତାପ ଚନ୍ଦ୍ର ଦାସ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର

ବ୍ରହ୍ମବରଦା,(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦୀରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ଶିଶୁ କବି ନିମାଇଁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ପଞ୍ଚାନନ ରାଉତ ସଭାରେ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଜକୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ହେମନ୍ତ କୁମାର ସାହୁ, ଉପସଭାପତି ମାଧବୀଲତା ରାଉତ, ଯୁଗ୍ମସମ୍ପାଦକ ବୀରେଶ ମହାନ୍ତି, ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ବେହେରା ଓ କୋଷାଧ୍ୟକ୍ଷ ସନାତନ ମଣ୍ଡଳ ଯୋଗଦେଇଥିଲେ। ୨୦୨୪-୨୫ରେ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ଅନୁଷ୍କା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସାଇସ କମ୍ପ୍ୟୁଟର

ପାଣିକୋଇଲି,(ବିକାଶ ମଲ୍ଲିକ): ପାଣିକୋଇଲିର ସପ୍ତ ଇନଫୋସିସ କମ୍ପ୍ୟୁଟର ଏଜୁରାଇଡ(ସାଇସ) ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଅଦୈତ ଚରଣ ଦାଶ, ଖବରଦାତା ସୁବାସ ଧଳ, ସନ୍ତୋଷ ବେହେରା, ରାଜପଥ ପାଟ୍ରୋଲିଂ ଅଧିକାରୀ ଏସ୍‌ଆଇ ଅଶୋକ କୁମାର ବଳ ପ୍ରମୁଖ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ପାଣିକୋଇଲି ବଜାର ପରିକ୍ରମା କରିଥିଲା। ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ବଜାର ପରିକ୍ରମା କରିଥିଲେ। ଅନୁଷ୍ଠାନ ପକ୍ଷରୁ ରାଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୋରେଇ କାହ୍ନୁ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ଖବରଦାତା ସୁବାସ ଧଳ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜାଜନିକା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ନମିତା ବେହେରା ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଓଡ଼ଶା ଦିବସ ପାଳିତ


ଛତିଆ ଉଚ୍ଚ ବିଦ୍ୟାଳୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ଛୋଟ ମୋର ଗାଁଟି

ଧର୍ମଶାଳା,(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ପ୍ରସିଦ୍ଧ ବୌଦ୍ଧ ପୀଠ କେଶସ୍ତୁପ ତରାପୁର ପାହାଡ଼ରେ ଛୋଟ ମୋର ଗାଁଟି ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯିବା ସହ ଏକ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟ ମୋର ଗାଁଟିର ସଭାପତି ଦେବବ୍ରତ ରାଉତ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଯାଜପୁର ଏମ୍‌ପିଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ, ମୁଖ୍ୟ ଅତିଥି ଭାବେ ସର୍ବୋଦୟ ମଣ୍ଡଳ ଯାଜପୁରର ସଭାପତି ରାମ ଚନ୍ଦ୍ର ଶୁକ୍ଳ, ମୁଖ୍ୟ ବକ୍ତା ଭାବେ ଖବରଦାତା ଶଙ୍କର ପ୍ରତାପ ଦାସ, ସମ୍ମାନିତ ଅତିଥି ଭାବେ ସୂଚନା ଅଧିକାର କର୍ମୀ ସୀମାନ୍ତ ପାତ୍ର, ସାମାଜିକ କର୍ମୀ ବଦ୍ରି ନାରାୟଣ ଜୟନ୍ତୀ ଓଝା, ଧର୍ମେନ୍ଦ୍ର ମଲ୍ଲ, ମିହିର କୁମାର କର, ଦେବେନ୍ଦ୍ର ପଟ୍ଟନାୟକ ଓ ନିର୍ମଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଓଡ଼ିଶା ଗଠନର କର୍ଣ୍ଣଧାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟା ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୁବ ସଂଗଠକ ରାଜେନ୍ଦ୍ର କୁମାର ବରାଳ ଧନ୍ୟବାଦ ଦେଇଥିଲେ।

ସେହିପରି ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର କଲ୍ୟାଣ ମଣ୍ଡପରେ ଓଡ଼ିଶା ଦିବସ ଓ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାହ୍ନୁ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ମୁଖ୍ୟବକ୍ତା ପଣ୍ଡିତ କାମଦେବ ଶତପଥୀ, ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଯୋଗଦେଇ ଓଡ଼ିଶା ଦିବସ ଓ ବସନ୍ତ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ଜେନା ଓ ଗବେଷକ ମାନସ କୁମାର ରାଉତ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ଗବେଷକ ସୌଭାଗ୍ୟ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଶୁଭକାନ୍ତ ନାୟକ, ଦିବ୍ୟଜ୍ୟୋତି ସାମଲ, ଅମୂଲ୍ୟ ଭୂୟାଁ, ଅବସରପ୍ରାପ୍ତ ଅଧ୍ୟାପକ ରାଧେଶ୍ୟାମ ସାହୁ, କବୟିତ୍ରୀ ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଗଙ୍ଗଶିଉଳି ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସବିତା ମିଶ୍ର ଓ ଗଣେଶ୍ୱର ବେହେରା ସଂଯୋଜନା କରିଥିଲେ। କବୟିତ୍ରୀ ପଦ୍ମଜା ଶରଣ, ଦିନବନ୍ଧୁ ତ୍ରିପାଠୀ, ଗୋଲକ ଚନ୍ଦ୍ର ପଲେଇ, ରାଧେଶ୍ୟାମ ସାହୁ, ନିଳିମା ମହାନ୍ତି, ସରୋଜିନୀ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ଦେବତା, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ବହୁ କବି ଓଡ଼ିଶା ଦିବସ ଓ ବସନ୍ତ ଉତ୍ସବ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଭାତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### କାଳିଆପାଣି ହାଇସ୍କୁଲ

କାଳିଆପାଣି,(ଅସିତ ମହାନ୍ତ): ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ପ୍ରବାଦ ପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ଓଡ଼ିଆ ସଂସ୍କୃତି ଅନୁଯାୟୀ ବେଶ ଭୂଷା ପରିଧାନ କରି ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ।

ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁକିନ୍ଦା ପ୍ରେସକ୍ଲବ ସଭାପତି ବିଶ୍ୱଜିତ ନାୟକ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସାମାଜିକ କର୍ମୀ ଆଶିଷ କୁମାର ଜେନା, ଖବରଦାତା ଅସିତ ମହାନ୍ତ ଓ ମଧୁପ ରଞ୍ଜନ ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଓଡ଼ିଆ ଘରର ଚାଳିଚଳଣି, ପିଠାପଣା ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ସର୍ବଶ୍ରୀ ସୂର୍ଯ୍ୟବଂଶୀ ତ୍ରିପାଠୀ, ଶୁଭେନ୍ଦୁ ମହାନ୍ତ, ଈଶ୍ୱର ମହାନ୍ତ, ସୋନାଲି ମୁଦୁଲି, ଅନୁରାଧା ମିଶ୍ର, ମଧୁସ୍ମିତା ପରିଡ଼ା, ଗୀତାଞ୍ଜଳି ସାହୁ, ଅର୍ଚ୍ଚନା ସ୍ୱାଇଁ, ଅନୁରୂପ କାନୁନଗୋ ଓ ଚିନ୍ମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିତେନ୍ଦ୍ର ଜେନା ଓ ଦ୍ରୌପଦୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବରୀ ବିଜେଡି

ବରୀ,(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅନ୍ତର୍ଗତ କିମ୍ପିରିଆପାଳ ପଞ୍ଚାୟତ ମାଳଦା କଲ୍ୟାଣ ମଣ୍ଡପ ପରିସରରେ ବରୀ ବିଜେଡି ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଓଡ଼ିଶା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ଭାଜପାର କେତେଜଣ କର୍ମକର୍ତ୍ତା ଓଡ଼ିଶାକୁ ଭାଗ କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଥିଲେ। ତେଣୁ ଏହାକୁ ବିରୋଧ କରିବା ସହି ଆବଶ୍ୟକ ପଡ଼ିଲେ ରାସ୍ତାକୁ ଓହ୍ଲାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ଭାରତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଛତିଆ ଉଚ୍ଚ ବିଦ୍ୟାଳୟ

ଛତିଆ,(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସାମାଜିକ କର୍ମୀ ଅନନ୍ତ କିଶୋର ଷେଣ୍ଠ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ହରପ୍ରିୟା ବିଶ୍ୱାଳ, ମାନସୀ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ସିଲା ସାହୁ, ଗୀତାଞ୍ଜଳି ରାଉତରାୟ ଦିବସର ମହାନତା ଓ ଓଡ଼ିଶାକୁ ଏକ ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ପ୍ରଦାନରେ ସଂଗ୍ରାମୀ କାଳଜୟୀ ପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ। ନାରାୟଣ ଚନ୍ଦ୍ର ପ୍ରଧାନ, ରସାନନ୍ଦ ନାୟକ, ଅକ୍ଷୟ କୁମାର ସାମନ୍ତରାୟ, ରଶ୍ମିରଞ୍ଜନ ଷେଣ୍ଠ, ଶ୍ରଦ୍ଧାଞ୍ଜଳି ଓଝା, କମଳାକାନ୍ତ ମହାନ୍ତି, ପ୍ରମୋଦ କୁମାର ନାୟକ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୁରୁଷୋତ୍ତମ ସାମଲ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ଭୁଜାଲିରେ ଆକ୍ରମଣ

**ପୁତୁରାଙ୍କ ଆଙ୍ଗୁଠି କାଟିଲେ**

- ଗିରଫ କରିବାକୁ ଯାଇ ପୋଲିସ ହଟହଟା

କୋରେଇ,୧।୪(ଚନ୍ଦ୍ରକାନ୍ତ ପତି):


ଗୋପାଳଚନ୍ଦ୍ର ଦାସ।

କୋରେଇ ଥାନା ପଛିକୋଟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ଦାସ(୭୮)ଙ୍କୁ ଜଣେ ଅସାମାଜିକ ଯୁବକ ଘରେ ପଶି ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ହଟହଟା ହୋଇଛି। ଗିରଫ କରିବାକୁ ଯାଇଥିବା ପୋଲିସ କର୍ମଚାରୀଙ୍କୁ ଅଭିଯୁକ୍ତ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଛନ୍ତି। ସେହିପରି ଗୋପାଳଙ୍କ ପୁତୁରା ସଞ୍ଜୟ ଦାସ ମଙ୍ଗଳବାର ଅଭିଯୁକ୍ତ ରାହୁଲଙ୍କ ସନ୍ଧାନନେବାକୁ ଯାଇଥିବା ବେଳେ ଅଭିଯୁକ୍ତ ଖମିଗାଁ ନିକଟରେ ସଞ୍ଜୟଙ୍କ ଆଙ୍ଗୁଠିକୁ ମଧ୍ୟ ହାଣି ଦେଇଛନ୍ତି। ସଞ୍ଜୟ ଏବେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ସୋମବାର ଗୋପାଳଙ୍କ ପରିବାର ପଛିକୋଟସ୍ଥିତ ବାସଭବନରେ ଶୋଇଥିବାବେଳେ ରାତ୍ର ପ୍ରାୟ ୧ଟା୨୦ରେ ଏହି ଥାନା ଅନ୍ତର୍ଗତ ଖମିଗାଁ ଗ୍ରାମର ରାହୁଲ ଜେନା ତାଙ୍କ ଗେଟକୁ ଭୁଜାଲିରେ ବାଡେଇଥିଲେ। ଗୋପାଳ ଉଠି କବାଟ ଖୋଲିବା କ୍ଷଣି ରାହୁଲ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଗୋପାଳ ତଳେ ପଡିଯାଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କ ଗୋଡ଼ ହାତ ଏବଂ ମୁଣ୍ଡକୁ ଭୁଜାଲିରେ ହାଣି ରକ୍ତାକ୍ତ କରିଦେଇଥିଲେ। ଗୋପାଳଙ୍କ ପରିବାର ଲୋକ ଆସିବାରୁ ଅଭିଯୁକ୍ତ ରାହୁଲ ସେଠାରୁ ଖସି ପଳାଇଥିଲେ। ଗୋପାଳଙ୍କୁ ତାଙ୍କ ପରିବାର ଲୋକେ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗୋପାଳ ମେଡିକାଲରୁ ଫେରି କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଓଡ଼ିଶା ଦିବସରେ ମହାପୁରୁଷଙ୍କୁ ଭୁଲିଗଲା ପୌର ପ୍ରଶାସନ

ଯାଜପୁରରୋଡ୍,୧।୪ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରର ବିଭନ୍ନ ଛକରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାରାଯାଇଛି। ମାତ୍ର ବଡ଼ ଦୁଃଖ ଓ ପରିତାପର ବିଷୟ ଏହିଯେ ସ୍ୱତନ୍ତ୍ର ଉତ୍କଳ ବା ଓଡ଼ିଶା ଗଠନ ପାଇଁ ଯେଉଁ ମହାପୁରୁଷଙ୍କ ଅବଦାନ ଓ ଉଦ୍ୟମ ଅବିସ୍ମରଣୀୟ ପୌର ପ୍ରଶାସନ ଓଡ଼ିଶା ଦିବସରେ ସେମାନଙ୍କୁ ଭୁଲିଯାଇଛି। ଯେଉଁମାନଙ୍କ ବଳିଦାନ ପାଇଁ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମାନ୍ୟତା ପାଇଲା, ଆମର ଭାଷା ସଂସ୍କୃତି ରକ୍ଷା ହେଲା, ଆମେ ଓଡ଼ିଆ ବୋଲି ଗର୍ବ କଲେ ସେହିବରପୁତ୍ରମାନଙ୍କ ପ୍ରତି ପୌର ପ୍ରଶାସନ ଘୋର ଅବମାନ କରିଛି। ମଙ୍ଗଳବାର ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସକୁ ଧୂମଧାମରେ ପାଳନ କରାଯାଉଥିବାବେଳେ ବ୍ୟାସନଗର ପୌର କର୍ତ୍ତୃପକ୍ଷ ଏହାକୁ ଭୁଲିଯାଇଥିବା ପରିଲକ୍ଷିତ ହୋଇଛି। ସହରର ମୁଖ୍ୟ ଛକ ଗୋପବନ୍ଧୁ ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ହେଉ ବା ଚୋରଦା ଛକରେ ଥିବା ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି। ପୌର ପରିଷଦ ପକ୍ଷରୁ ମହା ପୁରୁଷମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ସଫା କରିବା ତ ଦୂରର କଥା ସେମାନଙ୍କ ବେକରେ ଫୁଲ ହାର ଟିଏ ମଧ ପଡ଼ିନାହିଁ। ଏହାକୁ ସହର ବୁଦ୍ଧିଜୀବୀ ଓ ନାଗରିକ ନିନ୍ଦା କରିବା ସଙ୍ଗେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସେମାନେ ପୌର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦିଙ୍କୁ ପଚାରିବାରେ ଏନେଇ କୌଣସି କାର୍ଯ୍ୟକ୍ରମ ନ ଥିଲା ବୋଲି ସେ କହିଛନ୍ତି।

# ୫ ପୋଲିସ କର୍ମଚାରୀ ସମ୍ବର୍ଦ୍ଧିତ


ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ଆୟୋଜିତ ପରେଡ।

ପାଣିକୋଇଲି,୧।୪(ବିକାଶ ମଲ୍ଲିକ):

ପାଣିକୋଇଲି ପୋଲିସ ମୁଖ୍ୟାଳୟର ରିଜର୍ଭ ପୋଲିସ ପଡ଼ିଆରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପରେ ପୋଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ଓ ନିଜେ ନିଜକୁ କିପରି ଢଙ୍ଗରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିପାରିବ ସେ ସମ୍ପର୍କରେ କହିଥିଲେ। ଏହାପରେ ପ୍ରାଣବଳୀ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

**ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ**

ଏହି ଅବସରରେ ଜିଲା ପୋଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ଏସ୍‌ଆଇ ଭାବେ ମଙ୍ଗଳପୁର ଥାନାର ବିଭୂତି ଭୂଷଣ ମହାପାତ୍ର, ଶ୍ରେଷ୍ଠ ଏଏସଆଇ ବିଞ୍ଝାରପୁର ଥାନାର ସସ୍ମିତା ମଙ୍ଗରାଜ, ଶ୍ରେଷ୍ଠ ହାବିଲଦାର ଭାବେ କୋରେଇ ଥାନାର ସୁଦର୍ଶନ ସେଠୀ, ଶ୍ରେଷ୍ଠ କନଷ୍ଟେବଳ ଭାବେ ଯାଜପୁରରୋଡ୍ ଥାନାର ଦୀପକ କୁମାର ତ୍ରିପାଠୀ, ଶ୍ରେଷ୍ଠ ଏପିଆର କନଷ୍ଟେବଳ ଭାବେ ହେଡକ୍ୱାରର ପ୍ରକାଶ କୁମାର ସାହୁଙ୍କୁ ଏସପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଆର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ମାନପତ୍ର ପଠନ କରିଥିଲେ। ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି(ଡିଆଇବି) ପୁଷ୍ପଲତା ବାରିକ, ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ସରଜେଣ୍ଟ ଭାଗିରଥି ବେହେରା ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, କୁଆଖିଆ ଥାନାଧିକାରୀ ଚିନ୍ମୟୀ ସାହୁ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲାର ସମସ୍ତ ପୋଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**୪୦ଫୁଟ କୂଅ ମଧ୍ୟରୁ ମହିଳାଙ୍କୁ ଉଦ୍ଧାରକଲା ଦମକଳ ବାହିନୀ**

ପଞ୍ଚାମୁଣ୍ଡାଇ,(କଳ୍ପତରୁ ନାୟକ): ପଞ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅମୃତମଣୋହି ଗ୍ରାମର ଅମିତ କୁମାର ଧଳଙ୍କ ସ୍ତ୍ରୀ ଶାନ୍ତିଲତା ମଙ୍ଗଳବାର କୂଅରୁ ପାଣି କାଢୁଥିବାବେଳେ ଅସାବଧାନତା ବଶତଃ ଭିତରକୁ ପଡିଯାଇଥିଲେ। ୪୦ ଫୁଟ କୂଅ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିବା ଗ୍ରାମବାସୀ ଓ ପରିବାର ଲୋକଙ୍କ ପକ୍ଷେ କାଠିକର ପାଠ ହୋଇଥିଲା। ପରିବାର ଓ ଗାଁ ଲୋକ ବ୍ୟତିବ୍ୟସ୍ତ ହୋଇ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ପଞ୍ଚାମୁଣ୍ଡାଇରୁ ଦମକଳ ବାହିନୀ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଶାନ୍ତିଲତାଙ୍କୁ କୂଅ ମଧ୍ୟରୁ ଉଦ୍ଧାର କରି ପଞ୍ଚାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ପ୍ରାଥମିକ ଚିକିତ୍ସା ପରେ ଶାନ୍ତିଲତା ପରିବାର ସହ ଘରକୁ ଫେରିଥିଲେ।

# ବୈତରଣୀ ନଦୀ ତିନିତର ଘାଟ ପଥର ପ୍ୟାକିଂରେ ଅନିୟମିତତା

ରାଜକନିକା,୧୪(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକର ଶୁକଦେବପୁର ଓ ଗୋପାଳପୁର ନିକଟସ୍ଥ ବୈତରଣୀ ନଦୀର ତିନିତର ଘାଟ ପଥର ପ୍ୟାକିଂ ଖସିଯାଇଛି।

ନଦୀଜଳ ପ୍ରବାହିତ ଦାଉରୁ ଧନଜୀବନକୁ ସୁରକ୍ଷା ଦେବାକୁ ନଦୀକୂଳିଆ ଜନବସତିରେ ଟଙ୍କା ବ୍ୟୟ କରାଯାଇ ପଥର ପ୍ୟାକିଂ ହେଉଛି। ହେଲେ ଏହି ପଥର ପ୍ୟାକିଂରେ କେତେଦୂର ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ଓ ଏଥିରେ କେତେ ପରିମାଣର ନିରପେକ୍ଷତା ରହିଛି ତାହାର ତଦାରଖ ଆଜି ତଟବନ୍ଧ ବିଭାଗ କରୁନାହିଁ। ଫଳରେ ବିଭାଗ ଅଧୀନ ରାଜକନିକା ବ୍ଲକର ଶୁକଦେବପୁର ଓ ଗୋପାଳପୁର ନିକଟସ୍ଥ ବୈତରଣୀ ନଦୀର ତିନିତର ଘାଟ ପଥର ପ୍ୟାକିଂକୁ ଦେଖିଲେ ହିଁ ବୁଝାପଡ଼େ।

ସାମାଜିକ କର୍ମୀ ବିନୋଦ ନାୟକ, ଅଜୟ ନାୟକଙ୍କ ସମେତ ଅଞ୍ଚଳବାସୀ ପ୍ରମୁଖ ଅଭିଯୋଗ ଅନୁଯାୟୀ, ବୈତରଣୀ ନଦୀ ତିନିତର ଘାଟ ଦକ୍ଷିଣ ପାର୍ଶ୍ୱ ପଥର ପ୍ୟାକିଂ କାମ ସରିଛି। ଘାଟ ନିକଟ ନଦୀକୂଳରେ ମାତ୍ର ୮୦ ମିଟର ଯାଏ ପଥର ପ୍ୟାକିଂ ହୋଇଛି। ୩୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି କାର୍ଯ୍ୟ କରାଯାଇଛି। ପଥର ପ୍ୟାକିଂ ଯୋଗୁ ପୁରାତନ ତିନିତର ଘାଟର ସୁରକ୍ଷା ସହ ଦୁଇ ଗାଁ ଗୋପାଳପୁର ଓ ଶୁକଦେବପୁରର ଧନଜୀବନ ସୁରକ୍ଷିତ ବୋଲି ଲୋକେ ଭାବୁଥିଲେ। ହେଲେ ଏହି ପଥର ପ୍ୟାକିଂରେ ଅନିୟମିତତା ଜଳଜଳ ହୋଇ ଦିଶୁଛି। ବୈତରଣୀ ନଦୀର ଜଳ ସର୍ବଦା ଅସ୍ଥିର ଏବଂ ଚିରସ୍ରୋତା। ଏଥିଯୋଗୁ ତଟବର୍ତ୍ତୀ ଅଞ୍ଚଳବାସୀ ନଦୀର ବିଭୀଷିକାକୁ ଅତି ନିକଟରୁ ଦେଖିଛନ୍ତି। ଏମିତି କି ନଦୀ ଆଁରେ ଜମିଠାରୁ ଆରମ୍ଭ କରି ଭିଟାମାଟି ପର୍ଯ୍ୟନ୍ତ ସବୁ ଗଲାଣି ବୋଲି ଅଞ୍ଚଳବାସୀ କହିଛନ୍ତି। ଏପରିସ୍ଥଳେ ବିସ୍ତୀର୍ଣ୍ଣ ନଦୀ କୂଳେ କୂଳେ ପଥର ପ୍ୟାକିଂର ବେଶ୍ ଆବଶ୍ୟକତା ଥିବାରୁ ଚଳିତବର୍ଷ ପଥର ପ୍ୟାକିଂ କରାଯାଇଛି। ହେଲେ ପ୍ରଥମତଃ ଏହି କାମ ପାଇଁ ସୂଚନା ଫଳକ କେଉଁଠି ବି ଲାଗିନାହିଁ। ସୂଚନା ଫଳକ ନ ଲାଗିବା କାରଣରୁ ଜନସାଧାରଣ ଏହି କାର୍ଯ୍ୟ ସମ୍ପର୍କରେ କିଛି ବି ଜାଣି ପାରୁନାହାନ୍ତି। ପଥର ପ୍ୟାକିଂରେ ମୁଖ୍ୟତଃ ଛୋଟ ଛୋଟ ପଥରଗୁଡ଼ିକ ବ୍ୟବହାର କରାଯାଇଛି। ଯାହାକି କାର୍ଯ୍ୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ମାଣ ସମୟରେ ଲଞ୍ଚ୍ ହାଇଟ୍ କେତେ ରହିଛି ତାହା ବି ସନ୍ଦେହ ଘେରରେ। ସାଧାରଣତଃ ଲଞ୍ଚ୍ ହାଇଟ୍ ଉପରେ ସମ୍ପୂର୍ଣ୍ଣ ଭାବେ ପଥର ପ୍ୟାକିଂର ସ୍ଥିତାବସ୍ଥା ନିର୍ଭର କରେ। ଏଥିପାଇଁ ନଦୀ ମଧ୍ୟରେ ବଡ଼ ବଡ଼ ପଥରମାନ ଖଞ୍ଜାଯାଇ ବେଶ୍ ପ୍ରସ୍ତୁତ କରି ପଥର ପ୍ୟାକିଂ କରାଯାଇଥାଏ। ଏହାବାଦ୍ ବେସ୍ ଯେତେ ମଜଭୁତ ହୁଏ ସ୍ଲୋପ୍ ମଧ୍ୟ ସେଇ ଧରଣର ଶକ୍ତ ହୋଇଥାଏ। ହେଲେ ଏଠାରେ କିନ୍ତୁ ବେସ୍ ହାଇଟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦା ବଡ଼ ବଡ଼ ପଥର ପକେଇ ଲଞ୍ଚ୍ ହାଇଟ୍ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ପଥର ପ୍ୟାକିଂର ଶିଖରରେ ପଥରର ହିଡ ଦିଆଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏଠାରେ କିନ୍ତୁ ତାହା କରାଯାଇନାହିଁ। ପଥର ପ୍ୟାକିଂର ନିକଟ ଚାଷଜମିକୁ ଖୋଳି ମାଟିହିଡ଼ ଦିଆଯାଇଛି। ମାଟି ଖୋଳା ଯାଇଥିବା ଜମିରେ ବର୍ଷା ପାଣି କି ବନ୍ୟା ପାଣି ପଶିଲେ ପଥର ଶଯ୍ୟାଟି ଧସିଯିବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲୀପ ବେହେରାଙ୍କୁ ପଚାରିବାରେ ଲଞ୍ଚ୍ ହାଇଟକୁ ନେଇ ଏହାର ଟେକ୍ନିକାଲ ଦିଗ ପ୍ରତି କିଛି ନ କହି, କାମ ଠିକ୍ ହୋଇଛି, ମାଟିହିଡ ଦେବା ସମ୍ପର୍କରେ ଖଣ୍ଡନ କରି ପଥର ହିଡ ଦିଆଯାଇଛି। ଏମିତିକି ପଥର ପ୍ୟାକିଂ ପାଖ ଚାଷ ଜମିରୁ ଜମି ମାଲିକ ମାଟି ଖୋଳି ଖାଲୁଆ କରିଛନ୍ତି ବୋଲି ସେ କହିଛନ୍ତି। ବୈତରଣୀ ନଦୀ ତଟର ସୁରକ୍ଷା ନିମନ୍ତେ ଗୋଟେ ପଟେ ପଥର ପ୍ୟାକିଂ କରାଯାଉଛି। ଅପରପକ୍ଷେ ଏହି ପଥର ପ୍ୟାକିଂରେ ଅନିୟମିତତା ବାରି ହୋଇପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟିଦେଇ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ



ଓଡ଼ିଶା ଦିବସ ପାଳନରେ ଉପସ୍ଥିତ ଅତିଥି।

ଡେରାବିଶ, ୧୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଏହାର ସଭାପତି ଡ. ଭକ୍ତକବି ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ମୁଖ୍ୟ ଅତିଥି, ଡେରାବିଶ ଥାନାଧିକାରୀ ସରୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆଇଆଇସି ସାହୁ ନିଜ ଲିଖିତ କବିତା କେନ୍ଦ୍ରାପଡ଼ା ଜିଲାର ଇତିହାସ, ସଂସ୍କୃତି ଓ ଐତିହ୍ୟକୁ ଆବୃତ୍ତି କରଥିଲେ। ଉତ୍ସବରେ ସଙ୍ଗଠନ ଉପସଭାପତି ମହେନ୍ଦ୍ର କୁମାର ସିଂ, ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ଉପଦେଷ୍ଟା ହଳଧର ଦାଶ ଓ ସଚ୍ଚିଦାନନ୍ଦ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ତହସିଲଦାର ନାୟକ ଓ ଆଇଆଇସି ସାହୁଙ୍କୁ ମାନପାତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ କର୍ମକର୍ତ୍ତା ଅଧ୍ୟାପକ ପ୍ରଭାକର ସାମଲ, ସରୋଜ କୁମାର ଦାସ, ଗୌରାଙ୍ଗ ଚରଣ ସାହୁ, ରାମଚନ୍ଦ୍ର ରାଉତ, ଶାହାଜାନ ଖାଁ, ତ୍ରିଲୋଚନ ରାଉତ, ଫନିନ୍ଦ୍ର ବେହେରା, ମରୁତ ସ୍ୱାଇଁ, ରାଜକିଶୋର ମଲ୍ଲ, ମଦନ ମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଙ୍ଗଠନ କର୍ମକର୍ତ୍ତା ଶିକ୍ଷାବିତ୍ ଅତୁଲ୍ୟ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ଦିବସ



ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଲୋକମାନେ।

ପଞ୍ଚାମୁଣ୍ଡାଇ,୧୪ (କଳ୍ପତରୁ ନାୟକ)

ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ପଞ୍ଚାମୁଣ୍ଡାଇ କଲେଜ ପରିସରରେ ମଙ୍ଗଳବାର ଓଡ଼ିଶା ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ କଲେଜ ପରିସରରେ ଥିବା ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାପ୍ରଣ କରି ଉତ୍ସବ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ, ଓଡ଼ିଶା ହେଉଛି କଳା, ସଂସ୍କୃତି ଓ ବାଣିଜ୍ୟର ଏକ ପ୍ରମୁଖ ସ୍ଥାନ। ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦ ଏହାର ଅନ୍ୟ ଏକ ବିଶେଷତ୍ୱ। ଓଡ଼ିଶାର ମନ୍ଦିରଗୁଡ଼ିକର କଳା ଭାସ୍କର୍ଯ୍ୟ, ଓଡ଼ିଶୀ ନୃତ୍ୟ, ବାନ୍ଧକଳା ସାରା ବିଶ୍ୱରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ତ୍ୟାଗ, ତିତୀକ୍ଷା, ବୀରତ୍ୱ, ବଳିଦାନର ଏହି ଭୂମି ଏକଦା ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପରି ଓଡ଼ିଶାର ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସଂଘର୍ଷ କରିଥିଲେ। ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢ଼େଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ଏବଂ ମାତୃଭାଷା ସୁରକ୍ଷା ପାଇଁ ହୋଇଥିବା ବଡ଼ ସଂଗ୍ରାମ ଜାରି ରଖିଥିଲେ ମହାନ୍ ବରପୁତ୍ରମାନେ। ଏହି ବୀରପୁତ୍ରଙ୍କ ଉଦ୍ୟମରେ ୧୯୦୩ରେ ପ୍ରଥମେ ଗଠନ ହେଲା 'ଉତ୍କଳ ସମ୍ମିଳନୀ'। ଅବିଶ୍ରାନ୍ତ ସଂଗ୍ରାମ ପରେ ୧୯୩୬ ମସିହା ଏପ୍ରିଲ ୧ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ରାଜ୍ୟ ଗଠନ ହେଲା ବୋଲି ସେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବହୁ କବି, ଗାଳ୍ପିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବିକାଶ ପରିଷଦର ସମ୍ପାଦକ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ସାଇବର ଅପରାଧ ପୋଲିସ ପାଇଁ ବଡ଼ ଆହ୍ୱାନ

କେନ୍ଦ୍ରାପଡ଼ା, ୧୪ (ଜଗନ୍ନାଥ ଧଳ)

ସାମ୍ବିଧାନିକ ବ୍ୟବସ୍ଥାରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ନିଷ୍ଠା, ଧୈର୍ଯ୍ୟ, ଶୌର୍ଯ୍ୟ ଓ ସମାନୁବର୍ତ୍ତିତା ଆବଶ୍ୟକ। ଦେଶର ବନ୍ୟା, ବାତ୍ୟା, ଆଇନ ଶୃଙ୍ଖଳାରେ ଓଡ଼ିଶା ପୋଲିସ ଦୀର୍ଘ ୯୦ବର୍ଷ ହେବ ନିଜର କର୍ତ୍ତବ୍ୟପରାୟଣତା ଦେଖାଇଛି। ଏଥିପାଇଁ ପୋଲିସ ବାହିନୀ ଗର୍ବିତ ବୋଲି ଜଜାଙ୍ଗସ୍ଥିତ କେନ୍ଦ୍ରାପଡ଼ା ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ପ୍ରକାଶ କରିଛନ୍ତି। ମଙ୍ଗଳବାର ସକାଳେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ୧୯୩୬ରେ ପୋଲିସ ବାହିନୀ ଗଠନ କରାଯାଇଥିଲା। ଓଡ଼ିଶାର ବରପୁତ୍ରଙ୍କ ପରାମର୍ଶକ୍ରମେ ଗଠିତ ଏହି ବାହିନୀ ସ୍ୱାଧୀନତା ସଂଗ୍ରାମ, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ, ଆଇନ ଶୃଙ୍ଖଳା ପରିସ୍ଥିତିରେ ନିଜର ଭୂମିକା ଠିକ୍ ଢଙ୍ଗରେ ପରିଚାଳନା କରିଆସିଛି। ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତିରେ ଆହ୍ୱାନ ଦେବାକୁ ପଛଘୁଞ୍ଚା ଦେଇନାହିଁ। ଯାହାଫଳରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦୂରତା କମିଛି। ସାମ୍ପ୍ରତିକ ସମୟରେ ଅର୍ଥନୈତିକ ଓ ସାଇବର ଅପରାଧକୁ ରୋକିବା ପୋଲିସ ପାଇଁ ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ପୋଲିସ କର୍ତ୍ତବ୍ୟର ୧୩ଟି ନିୟମ ପାଳନକୁ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ଏସ୍‌ପି କାଟାରିଆ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ପୋଲିସ ବିଭାଗ ୨୦୨୪ ମସିହାର ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ପରେଡରେ ଏଏସ୍‌ପି ଦେବାଶିଷ ଧଳ, ଜିଲା ପୋଲିସର ଡିଏସ୍‌ପି, ଏସ୍‌ଡିପିଓ ଓ ବିଭିନ୍ନ ଥାନାଧିକାରୀ ଯୋଗ ଦେଇଥିଲେ।



ପରେଡ୍‌ରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

# ରାଜନଗରରେ ବିଜେଡି ପକ୍ଷରୁ ଓଡ଼ିଶା ଦିବସ

ରାଜନଗର, ୧୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଦଳ ପକ୍ଷରୁ ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ବ୍ଲକ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ସମ୍ବିଧାନ ପ୍ରଣେତା ଡ. ବି. ଆର. ଆମ୍ବେଡକର, ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଓ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁବାବୁ ଓ ରାଜନଗରର ଭୂମିପୁତ୍ର ନଳିନୀକାନ୍ତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ଏଥିରେ ଯୋଗଦେଇଥିଲେ। ୧୯୩୬ ମସିହା ଆଜିର ଦିନରେ ଭାଷାଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା। ସେଦିନର ସେଇ ଅଭୁଲା ସ୍ମୃତିକୁ ମନେ ପକାଇ ଆମେ ପ୍ରତିବର୍ଷ ଏହି ଦିନକୁ ଓଡ଼ିଶା ଦିବସ ଭାବେ ପାଳି ଆସୁଛୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ନାୟକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ସମବାୟବିତ ଦିଲୀପ କୁମାର ପାତ୍ର, ଆତ୍ମା ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ସରପଞ୍ଚ ଅଶୋକ କୁମାର ମହାନ୍ତି, ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତି ସଭ୍ୟ ସୁମିତ୍ରା ସେଠୀ, ସଞ୍ଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଉତ୍ତମ ସଂସ୍କାର ପାଇଲେ ଶିଶୁ ଭଲ ମଣିଷ ହେବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଆଳି, ୧୪(ବନମାଳୀ ସେନାପତି )

ଆଜିର ଶିଶୁ ହେଉଛନ୍ତି କାଦୁଅ ପିଣ୍ଡୁଳା ସଦୃଶ୍ୟ। ସେମାନଙ୍କୁ ଆମେ ଯେମିତି ଗଢ଼ିବା ସେମାନେ ସେମିତି ହେବେ। କୁନିକୁନି ଶିଶୁମାନଙ୍କୁ ଉତ୍ତମ ସଂସ୍କାର ଦେଲେ ସେମାନେ ଜୀବନରେ ଉତ୍ତମ ମଣିଷ ଭାବେ ସମାଜରେ ପରିଗଣିତ ହୋଇପାରିବେ ବୋଲି ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ କହିଛନ୍ତି। ବିଦ୍ୟାଳୟର ସଭାପତି ବନମାଳୀ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ, ସମ୍ମାନିତ ଅତିଥି ଭାବେ ଏବିଇଓ ଉଦକର ସାମଲ, ମୁଖ୍ୟବକ୍ତା ଭାବେ ବିଶ୍ୱମ୍ବର ପାଣି ଯୋଗଦେଇ ଆଜିର ମା' ବାପାମାନେ ନିଜ ନିଜର ଶିଶୁମାନଙ୍କୁ ପ୍ରଥମେ ଭଲ ମଣିଷ ଭାବେ ଗଢ଼ି ତୋଳନ୍ତୁ। ଶିଶୁମାନଙ୍କୁ ଉତ୍ତମ ସଂସ୍କାର, ଆଚାର, ବ୍ୟବହାର ଓ ମାନବିକତାର ମୂଲ୍ୟବୋଧ ଶିକ୍ଷା ଦେଲେ ସେ ଭଲ ମଣିଷ ହୋଇପାରିବ। ଏହି ଅବସରରେ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ଗୁରୁମା' ତୃପ୍ତିରେଖା ସ୍ୱାଇଁ ପ୍ରାର୍ଥନା ଗାନ କରିଥିବା ବେଳେ ଗୁରୁଜୀ ଅମର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ଜାନକୀ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଜ୍ଞାନେନ୍ଦ୍ର ଦାଶ ଆଳି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ

ଆଳି, ୧୪ (ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଜ୍ଞାନେନ୍ଦ୍ର ଦାଶ ସୋମବାର ଯୋଗଦାନ କରିଛନ୍ତି। ଦାଶ ମହାବିଦ୍ୟାଳୟରେ ଯୋଗଦାନ କରିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ସେ ପୂର୍ବରୁ କେନ୍ଦ୍ରାପଡ଼ା କଲେଜର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଆଳି ମହାବିଦ୍ୟାଳୟର ଅଧ୍ୟକ୍ଷ ଥିବା ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକଙ୍କ ସହ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡା ସୋମବାର ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଅବସରଗ୍ରହଣ କରିଥିବା ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ଓ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମୟରେ ଆଳି ମହାବିଦ୍ୟାଳୟର ପ୍ରାଧ୍ୟାପକ, ଅଧ୍ୟାପିକାଅଧ୍ୟାପକମାନେଉପସ୍ଥିତଥିଲେ।



ନୂତନ ଅଧ୍ୟକ୍ଷଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

# ମୁସଲମାନ ଭାଇଙ୍କୁ ଇଦ୍‌ରେ ଶୁଭେଚ୍ଛା ଜଣାଇଲେ ଭାଜପା କର୍ଯ୍ୟକର୍ତ୍ତା

ପଞ୍ଚାମୁଣ୍ଡାଇ,୧୪ (କଳ୍ପତରୁ ନାୟକ)

ସୋମବାର ପବିତ୍ର ଇଦ୍-ଉଲ୍-ଫିତର ପାଳନ କରାଯାଇଛି। ଏହି ଅବସରରେ ପଞ୍ଚାମୁଣ୍ଡାଇ ସଂଖ୍ୟାଲଘୁ ବସ୍ତିରେ ଇଦ୍ ପାଳନ ହୋଇଛି। ଏ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ବେଶ୍ ଧୁମଧାମରେ ପାଳନ କରୁଥିବା ବେଳେ ସମୂହ ନମାଜ ପାଠ କରିଛନ୍ତି। ନମାଜ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ମାସ ସାରା ରୋଜା ବା ଉପାସ ରହି ଆଜି ଦିନରେ ରୋଜା ଭାଙ୍ଗି ଦାନ ଧର୍ମ କରୁଥିବା ସଂଖ୍ୟାଲଘୁ ଭାଇମାନଙ୍କୁ ପଞ୍ଚାମୁଣ୍ଡାଇ-ରାଜନଗରର ଭାଜପା କର୍ଯ୍ୟକର୍ତ୍ତା ପଞ୍ଚାନନ ବିଶ୍ୱାଳ, ଶଶୀକାନ୍ତ ସ୍ୱାଇଁ, ନଳିନୀ ବିଶ୍ୱାଳ, ଗୋପୀନାଥ ପଣ୍ଡା, ଦୀପକ ପଣ୍ଡା, ପ୍ରମୋଦ ଦାଶ, ନୀଳକଣ୍ଠ ମିଶ୍ର, ସୁଧାଂଶୁ ଯେନା ପ୍ରମୁଖ ଭେଟି ଶୁଭେଚ୍ଛା ଜଣାଇଥିଲେ।

# ଡ. ବିରଜା ରାଉତରାୟଙ୍କୁ ସୁବ୍ରତ ରଥ ପୁରସ୍କାର

କେନ୍ଦ୍ରାପଡ଼ା,୧୪ (ଜଗନ୍ନାଥ ଧଳ)



ବିରଜା ରାଉତରାୟଙ୍କୁ ଏମ୍‌ପି ଭର୍ତ୍ତୃହରି ମହତାବ ପୁରସ୍କୃତ କରୁଛନ୍ତି।

୧୯୯୬ ମସିହାରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଆ ଭାଷାର ବିଭିନ୍ନ ବର୍ଗର କୃତୀ ସାହିତ୍ୟିକଙ୍କୁ ଶ୍ରୀଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇ ଆସୁଅଛି। ଚଳିତବର୍ଷ ନିମନ୍ତେ ଯୁବସାହିତ୍ୟ ବର୍ଗରେ ପ୍ରଦାନ କରାଯାଉଥିବା ସୁବ୍ରତ ରଥ ସ୍ମାରକୀ ପୁରସ୍କାର କେନ୍ଦ୍ରାପଡ଼ା ଜିଲାର କଥାକାର ଡ. ବିରଜା ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର କଟକସ୍ଥିତ କଳା ବିକାଶ କେନ୍ଦ୍ରରେ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ମୁଖ୍ୟବକ୍ତା ପ୍ରାବନ୍ଧିକ ଅସିତ ମହାନ୍ତି, ସାହିତ୍ୟିକ ବିଜୟାନନ୍ଦ ସିଂହ, ଫାଉଣ୍ଡେଶନ ସଭାପତି ଡା. ଜୟନ୍ତ ରଥ, ସାହିତ୍ୟିକା ସୁସ୍ମିତା ରଥ ଓ ସାହିତ୍ୟିକ ଶୈଳଜ ରବି ପ୍ରମୁଖ ଡ. ରାଉତରାୟଙ୍କୁ ସମ୍ମାନିତ କରିଥିଲେ। ଡ. ରାଉତରାୟଙ୍କ ଅଦ୍ୟାବଧି ୭ଟି ଗଳ୍ପ ସଙ୍କଳନ, ୫ଟି କବିତା ସଙ୍କଳନ, ଗୋଟିଏ ପ୍ରବନ୍ଧ ସଙ୍କଳନ ଓ ଭିନ୍ନକ୍ଷମତା ସମ୍ପର୍କିତ ଏକାଧିକ ଗଳ୍ପ ଓ ଅନ୍ୟାନ୍ୟ ପୁସ୍ତକର ସମ୍ପାଦନା ସହ ପୁନର୍ବାସ ସମାଚାର ପରି ଭିନ୍ନ କ୍ଷମତା ସମ୍ପର୍କିତ ଏକ ସ୍ୱତନ୍ତ୍ର ସମ୍ବାଦପତ୍ର ସମ୍ପାଦନାରେ ସେ କାର୍ଯ୍ୟରତ ଅଛନ୍ତି।

# ମହାମନୀଷୀଙ୍କ ସଂଘର୍ଷରେ ଗଠନ ହୋଇଥିଲା ଓଡ଼ିଶା ପ୍ରଦେଶ

କେନ୍ଦ୍ରାପଡ଼ା, ୧୪ (ଜଗନ୍ନାଥ ଧଳ)




ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ପ୍ରତିଷ୍ଠା ପାଇବା ଏକ ଅକସ୍ମାତ ବା ଆକସ୍ମିକ ଘଟଣା ନ ଥିଲା। ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଓ ଦୃଢ଼ ପ୍ରୟାସର ସଫଳ ରୂପାୟନ ବୋଲି ୯୦ତମ ଓଡ଼ିଶା ଦିବସ ପାଳନ ସଭାରେ ଅତିଥିମାନେ ମଙ୍ଗଳବାର ମତ ଦେଇଛନ୍ତି। ଓଡ଼ିଶା ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ସହରର ଟାଉନ ହଲଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏଡିପିଆଇଆର୍‌ଓ ଅଶୋକ କୁମାର ବଳିଆରସିଂଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ଅରୁଣ କୁମାର ନାୟକ, ସହକାରୀ ଉପଜିଲାପାଳ ଅଶୋକ କୁମାର ଦାସ, ଜିଲା କୃଷି ଅଧିକାରୀ କଲ୍ୟାଣ ରାୟ, ସିଡିଭିଓ ମନୋଜ ପଟ୍ଟନାୟକ, ସିଡିପିଓ ବିଜୟ କୁମାର ସାହୁ, ଡିଆଇପିଆର୍‌ଓ ତ୍ରିଭୁବନ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଶା ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ, ଆଧୁନିକ ଓଡ଼ିଶାର ମୃତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀରମୋହନ ସେନାପତି, କର୍ମବୀର ଗୌରିଶଙ୍କର ରାୟଙ୍କ ସମେତ ବହୁ ବନ୍ଦନୀୟ ନେତୃତ୍ୱଙ୍କ ପ୍ରଚେଷ୍ଟାରୁ ଓଡ଼ିଆ ଭାଷାର ସୁରକ୍ଷା ମିଳିପାରିଛି। ସ୍ୱତନ୍ତ୍ର ରାଜ୍ୟ ଗଠନ ପରେ ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଯାଇ ପାରିଛି। ସେହିପରି ତୃଣମୂଳସ୍ତରରେ ଉନ୍ନୟନ କାର୍ଯ୍ୟ ଓ ମହିଳା ସଶକ୍ତୀକରଣକୁ ଜିଲା ପ୍ରତିଷ୍ଠା ଦ୍ୱାରା ସମ୍ଭବ ହୋଇଥିବା ସେମାନେ ମତ ରଖିଥିଲେ। ଏହି ଅବସରରେ ୩୦ ଜଣ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅପରପକ୍ଷରେ ଜିଲା ପ୍ରତିଷ୍ଠା ଦିବସ ପାଳନରେ ଲୋକ ପ୍ରତିନିଧିଙ୍କୁ ସାମିଲ କରାଯାଇ ନ ଥିବାରୁ ବିଭିନ୍ନ ମହଲରେ ଏ ନେଇ ପ୍ରଶ୍ନ ଉଠିଛି।

# ଓଡ଼ିଶା ଦିବସରେ ବନୀକରଣ ସ୍ଥଳ ବୁଲିଲେ ଛାତ୍ରୀଛାତ୍ର



ବନୀକରଣ ସ୍ଥଳ ପିଲାମାନେ ବୁଲି ଦେଖୁଛନ୍ତି ।

ଓଡ଼ଗାଁ,୧ ।୪ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଓଡ଼ିଶା ଦିବସ ଏବଂ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ପିଲାମାନେ ସ୍କୁଲର ଚାରିକାନ୍ଥ ଭିତରେ ସୀମିତ ନ ରଖି ନିଆରା ଢଙ୍ଗରେ ପାଳିଛନ୍ତି । ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଏବଂ ଛାତ୍ରୀଛାତ୍ରମାନେ ଓଡ଼ଗାଁ ଆଦର୍ଶ ଥାନାକୁ ଆସି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଫୁଲଚନ୍ଦନ ସହିତ ସିନ୍ଦୁର ଟିକା ଲଗାଇ ହାତରେ ରକ୍ଷା ସୂତ୍ର ବନ୍ଧନ କରିଥିଲେ। ସେମାନଙ୍କ ପରାକ୍ରମକୁ ସମ୍ମାନ ଜଣାଇ ବନ୍ଦାପନା କରିଥିଲେ। ଥାନା ଅଧିକାରୀ ଚକ୍ରଧର ସିଂ ପିଲାମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ଭାଲୁମୁଣ୍ଡିଆ ପାଦଦେଶରେ ବନ ବିଭାଗ ଦ୍ୱାରା ବନୀକରଣ କରାଯାଇଥିବା ସ୍ଥଳ ପିଲାମାନେ ବୁଲି ଦେଖିଥିଲେ । ସେମାନେ ସମସ୍ତ ମିଳିମିଶି ସବୁଜିମା ସୃଷ୍ଟି କରିଥିବା ସମସ୍ତ ବୃକ୍ଷରାଜିର ଜନ୍ମଦିନ ପାଳନ କରିବାକୁ ନିଷ୍ପତି ନେଇଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ଅଧକ୍ଷ ବିରେନ୍ଦ୍ର ସାହୁ, ପ୍ରତିଷ୍ଠାତା ସମ୍ପାଦକ ଅଶୋକ ମହାପାତ୍ର, ଶିକ୍ଷାବିତ୍ ସାରସ କୁମାର ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅମିତା ଦାଶ,ସସ୍ମିତା ପାଣିଗ୍ରାହୀ,ପ୍ରଭାତୀ ତ୍ରିପାଠୀ,ପ୍ରଭାତୀ ଖଣ୍ଡା ଏବଂ ସନ୍ତୋଷିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନୟାଗଡ଼ ଟାଉନ ଥାନା ଆଇଆଇସିଙ୍କୁ ଶ୍ରେଷ୍ଠ ଇନ୍ସପେକ୍ଟର ସମ୍ମାନ



ଡିଜିପି ଟାଉନ ଥାନା ଆଇଆଇସିଙ୍କୁ ସମ୍ମାନିତ କରୁଛନ୍ତି ।

ନୟାଗଡ଼,୧ ।୪(ଲୋକନାଥ ମିଶ୍ର): ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କୁ ରାଜ୍ୟର ଶ୍ରେଷ୍ଠ ଇନ୍ସପେକ୍ଟର ସମ୍ମାନ ମିଳିଛି । ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର କଟକରେ ଡିଜି ୱାଇ. ବି. ଖୁରାନିଆ ମହାପାତ୍ରଙ୍କୁ ଶ୍ରେଷ୍ଠ ଇନ୍ସପେକ୍ଟର ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ବରୁ ମହାପାତ୍ର କଟକ ଚାଉଳିଆଗଞ୍ଜ ଥାନାରେ ଥିବାବେଳେ ୨୦୧୫ରେ ଶ୍ରେଷ୍ଠ ଆଇଆଇସି ଭାବେ ଅନୁରୂପ ଭାବେ ପୁରସ୍କୃତ ହୋଇଥିଲେ । ମହାପାତ୍ର ୧୦ ବର୍ଷ ଭିତରେ ୨ ଥର ରାଜ୍ୟସ୍ତରୀୟ ପୁରସ୍କାର ପାଇ କଟକ ଓ ନୟାଗଡ଼ ପାଇଁ ଗୌରବ ଆଣିଛନ୍ତି । ମହାପାତ୍ରଙ୍କ ଘର ଜଗତସିଂହପୁର ଜିଲାର ଏରସମା ଥାନା ଭଜନା ଗାଁରେ। ୨୦୦୫ ପ୍ରଥମେ ସେ ସବ୍‌ଇନ୍ସପେକ୍ଟର ଭାବେ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ରାଉରକେଲା ପୋଲିସ ଜିଲା, କମିଶନର ପୋଲିସର ଭୁବନେଶ୍ୱର ଓ କଟକର ବିଭିନ୍ନ ଥାନାରେ କାର୍ଯ୍ୟ କରିଛନ୍ତି। ଏବେ ନୟାଗଡ଼ ପୋଲିସ ଜିଲାରେ କାର୍ଯ୍ୟରତ ଅଛନ୍ତି ।

# ଦଶପଲ୍ଲା ବାର୍ ତରଫରୁ ଓଡ଼ିଶା ଦିବସ ପାଳିତ




ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି ।

ଦଶପଲ୍ଲା,୧।୪( ପ୍ରକାଶ କୁମାର ପାଣି): ମଙ୍ଗଳବାର ଓଡ଼ିଶା ଦିବସ ପାଳନ ଅବସରରେ ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଶାନ୍ତ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା ଏଥିରେ ସଂଯୋଜନା କରି ସ୍ୱତନ୍ତ୍ର ଉତ୍କଳର ଅଖଣ୍ଡତାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ଭିତରେ ବରିଷ୍ଠ ଆଇନଜୀବୀ ଗୌର ଚନ୍ଦ୍ର ମିଶ୍ର ବିଭେଦକାରୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବା ସହିତ ଓଡ଼ିଶାର ଅଖଣ୍ଡତା ତଥା ଓଡ଼ିଆଭାଷାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଆଇନଜୀବୀ କୃଷ୍ଣ ଚନ୍ଦ୍ର ଦାସ ଓଡ଼ିଶା ଦିବସର ଇତିହାସ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ବାରିକି ଉତ୍କଳ ସମ୍ମିଳନୀରେ ମଧୁବାବୁଙ୍କ ଆହ୍ୱାନ ଆଜି ବି ଓଡ଼ିଆ ଜାତି ପାଇଁ ନିହାତି ଆବଶ୍ୟକ ବୋଲି କହିବା ସହିତ ତାଙ୍କ ରଚିତ କବିତା ଉଠରେ ଉଠରେ ଉତ୍କଳ ସନ୍ତାନ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ପ୍ରସନ୍ନ କୁମାର ପଣ୍ଡା, ପ୍ରଭାତ କୁମାର ସାହୁ,ଆଇନଜୀବୀ ମନୋରଞ୍ଜନ ମିଶ୍ର ଓ ବରିଷ୍ଠ ନାଗରିକ ରବୀନ୍ଦ୍ର କୁମାର ମିଶ୍ର ପ୍ରଭୃତି ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀମାନଙ୍କ ସହିତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ,ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଭାଗନେଇଥିଲେ। ସଭା ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ର ସମସ୍ତେ ମାଲ୍ୟାର୍ପଣ କରିବା ସହିତ ବନ୍ଦେ ଉତ୍କଳ ଜନନୀ ଦଣ୍ଡାୟମାନ ପୂର୍ବକ ଗାନ କରିଥିଲେ।

# ଖମାରସାହି ପାକ୍ସ ସମ୍ପାଦକ ନିଲମ୍ବିତ

## ଡିଆଁପଡା ପାକ୍ସ ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ

ନୟାଗଡ଼,୧ ।୪(ଲୋକନାଥ ମିଶ୍ର): ନୟାଗଡ଼ ବ୍ଲକ୍ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ପ୍ରବୀଣ ମୋହିନି ପଟ୍ଟନାୟକଙ୍କୁ ପରିଚାଳନା ପରିଷଦ ପକ୍ଷରୁ ନିଲମ୍ବନ କରାଯାଇଛି । ଅନ୍‌ଅଥରାଇଜ ଲିଭରେ ରହିବାରୁ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି। ଡିଆଁପଡା ପାକ୍ସ ସମ୍ପାଦକ ଭଗବାନ ରାଉତଙ୍କୁ ଖମାରସାହି ପାକ୍ସର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ଖମାରସାହି ପାକ୍ସ ସଭାପତି ନବ କିଶୋର ନନ୍ଦ କୁହନ୍ତି, ଆମ ପାକ୍ସର ସମ୍ପାଦକ ଗତ ୧୮ ତାରିଖରୁ ଅନ୍‌ଅଥରାଇଜ ଲିଭରେ ଅଛନ୍ତି । ଏଭଳିସ୍ଥଳେ ପାକ୍ସର ଧାନକିଣା ବନ୍ଦ ହୋଇ ଯିବା ପରେ ପରିଚାଳନା ପରିଷଦ ପକ୍ଷରୁ ଏଆରସିଏସଙ୍କୁ ଅବଗତ କରାଯାଇଥିଲା । ଚିଠି ପାଇବା ପରେ ନୟାଗଡ ଏଆରସିଏସ ଚିଠି ନଂ. ୪୩୨/୨୪।୩।୨୦୨୫ରେ ଡିଆଁପଡା ସମ୍ପାଦକଙ୍କୁ ଖମାରସାହି ପାକ୍ସର ଅତିରିକ୍ତ ଦାୟିତ୍ୱ ଦେଇଥିଲେ। ପରେ ପାକ୍ସର ପରିଚାଳନା ପରିଷଦ ପକ୍ଷରୁ ସମ୍ପାଦକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତାଙ୍କୁ ୨୭ ତାରିଖରେ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି ।

# ତୋଡ଼ିବାରୀ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

ନୟାଗଡ଼,୧ ।୪(ଲୋକନାଥ ମିଶ୍ର): ଓଡ଼ିଶା ଦିବସ ଅବସରରେ ଗୋଡ଼ିପଡ଼ା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ତୋଡିବାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ବିରୁପାକ୍ଷ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପଞ୍ଝୁମୁ ସରପଞ୍ଚ ରାଣୀ ପାଇକରାୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ମାଧବ ମାଝି, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧକ୍ଷ ରବୀନ୍ଦ୍ର ମାଝି, ତୋଡିବାରୀ ଗାଁର ସାମାଜିକ କର୍ମୀ ଜିତୁନା ରାଉତ ଅତିଥି ରୂପେ ଯୋଗ ଦେଇଥିଲେ । ବସ୍ତା ଦୌଡ, ଆଳୁଚାମଚ, ପୁଚି, ଯୋଗ, ଡ୍ରଇଁ, ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଦେଶାତ୍ମକବୋଧକ ସଙ୍ଗୀତ, ଆଧୁନିକ ସଙ୍ଗୀତ ଓ କଣ୍ଠ ସଙ୍ଗୀତରେ ମଞ୍ଚ ଦୁଲୁକିଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ଛଉନୃତ୍ୟ ବେଶ ମନ ମୋହିଥିଲା । ତୃତୀୟର ବାବୁନା ମାଝି, ପଞ୍ଚମର ସୁଇଟ ପ୍ରଧାନ ଓ ଚତୁର୍ଥ ଶ୍ରେଣୀର ଦେବସ୍ମିତା ରାଉତଙ୍କୁ ଶ୍ରେଷ୍ଠ ଛାତ୍ରୀ ଛାତ୍ର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷକ ଶ୍ରବଣ ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଶିକ୍ଷୟିତ୍ରୀ,ଶିକ୍ଷକ ବୃନ୍ଦ।

ଦଶପଲ୍ଲା,୧।୪ (ପ୍ରକାଶ କୁମାର ପାଣି): ପ୍ରଧାନଶିକ୍ଷକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିମନ୍ତେ ବିଦ୍ୟାଳୟର ସାମଗ୍ରୀକ ବିକାଶ ଯୋଜନା ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦଶପଲ୍ଲାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ଏବିଓ ଗୋପବନ୍ଧୁ ଦେହୁରୀ, ରାଜେନ୍ଦ୍ର ପ୍ରସାଦ ଖଟେଇ, ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ । ୩ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନ କର୍ମୀ ମନୋରଞ୍ଜନ ଦାଶ,ଅଜୟ କୁମାର ନାୟକ, ଲାବଣ୍ୟ କହଁର ଏବଂ ବିନୋଦ କହଁର ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ୫୦ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗ୍ରୀନ୍‌କ୍ଲବ ପକ୍ଷରୁ 'ଉଠ ଓଡ଼ିଆ' କାର୍ଯ୍ୟକ୍ରମ




ଓଡିଶା ଦିବସ ଅବସରରେ 'ଉଠ ଓଡ଼ିଆ' କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ।

ଶରଣକୁଳ,୧।୪(ଦୀପକ କର): ମଙ୍ଗଳବାର ଓଡ଼ିଶା ଦିବସ ଅବସରରେ ଗ୍ରୀନ କ୍ଲବ ହରିହରପୁର ଆନୁକୂଲ୍ୟରେ ହରିହରପୁର ଗ୍ରାମର ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ 'ଉଠ ଓଡ଼ିଆ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍‌ର ସଦସ୍ୟ ଓ ହରିହରପୁର ଗ୍ରାମବାସୀ ମିଶି ଗ୍ରାମ ପରିକ୍ରମା କରିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବରପୁତ୍ରମାନେ ସାମିଲ ହୋଇଥିଲେ ସେମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ସମାନଙ୍କ ଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ କ୍ଲବ୍‌ର ସଭାପତି ବିଭୁପ୍ରସାଦ ମିଶ୍ର ଓ ସମ୍ପାଦକ କୁମର ବରାଡ, ପରାମର୍ଶଦାତା ସୌଦାଗର ନାୟକ, ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ, ସଂଗ୍ରାମ ମାହାଳିକ ପ୍ରମୁଖଙ୍କ ଉପସ୍ଥିତିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ କବିତା ଆବୃତ୍ତି ସହିତ କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏସବୁ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ କ୍ଲବ୍ ତରଫରୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯାଇଥିଲା। କ୍ଲବ୍ ସଦସ୍ୟ ଶିବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳ୍ପୋଦ୍ୟୋଗୀ ଉନ୍ନୟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ପ୍ରଶିକ୍ଷଣ ଶିବିରରେ ମାଷ୍ଟର କ୍ରାଫ୍ଟମ୍ୟାନ୍ ରାଜେଶ କୁମାର ଦାସ ଉଦ୍‌ବୋଧନ ଦେଉଛନ୍ତି ।

ଖଣ୍ଡପଡ଼ା,୧।୪(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଞ୍ଚାୟତର ମାଷ୍ଟର କ୍ରାଫ୍ଟମ୍ୟାନ୍ ରାଜେଶ କୁମାର ଦାସ ଖୋର୍ଦ୍ଧା ଜିଲାର ବାଲିଆନ୍ତ ବ୍ଲକ ଭଇଁଚୁଆ ଗ୍ରାମରେ ଅନୁଷ୍ଠିତ ଏକ ୨୫ ଦିନିଆ ଡ଼ିଜାଇନ ଏବଂ ବୈଷୟିକ ବିକାଶ କର୍ମଶାଳାରେ ଯୋଗଦେଇ ତାଲିମ ପ୍ରଦାନ କରିଛନ୍ତି । ବିକାଶ କମିଶନର(ହସ୍ତଶିଳ୍ପ), ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ, ନୂଆଦିଲ୍ଲୀ, ଭୁବନେଶ୍ୱର ସେବା କେନ୍ଦ୍ର ଦ୍ୱାରା ଆୟୋଜିତ ବାଲିଆନ୍ତ ବ୍ଲକ ଅଧୀନ ଭଇଁଚୁଆସ୍ଥିତ ଶ୍ରୀ ଜଗନ୍ନାଥ ବ୍ରାସ୍ ଏବଂ ବେଲ୍‌ମେଟାଲ ହସ୍ତଶିଳ୍ପ କମ୍ପାନୀ ଲିମିଟେଡ ପକ୍ଷରୁ ଗତ ଫେବୃୟାରୀ ୨୫ରୁ ଆରମ୍ଭ ହୋଇଥିବା ଏହି ୨୫ ଦିନିଆ ପ୍ରଶିକ୍ଷଣ ଶିବିର ଗତ ରବିବାର ଉଦ୍‌ଯାପନ ହୋଇଯାଇଛି । ସଂପ୍ରତି ପୁରୁଣା ଓ ପାରମ୍ପରିକ ଡ଼ିଜାଇନ ଉତ୍ପାଦନ ପ୍ରକ୍ରୀୟା ପରିବର୍ତ୍ତେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ଡିଜାଇନ ବିକଶିତ କରିବା ଉପରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ୩୦ଜଣ କ୍ଲଷ୍ଟର କାରିଗରଙ୍କୁ ମାଷ୍ଟର କ୍ରାଫ୍ଟମ୍ୟାନ ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦାସ ବିଶେଷ କରି ସ୍ଥାନୀୟ ଲାଭାର୍ଥୀ କାରିଗରମାନଙ୍କୁ ପିତଳ ଏବଂ ଘଣ୍ଟି ଧାତୁ ପାତ୍ରର ଉତ୍ପାଦନ ପ୍ରକ୍ରିୟାରେ ପ୍ରଯୁକ୍ତିର ଆଧୁନିକୀକରଣ ଦିଗରେ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଶିଳ୍ପ ବିଭାଗର ଏଟ୍‌ପିସି ପରମେନ୍ଦ୍ର ସେଣ ଓ ଭୁବନେଶ୍ୱର ଏମ୍ ପ୍ୟାନେଲ ଡ଼ିଜାଇନର ତାପସୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ଗତ ୨୫ ଦିନ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଦାସଙ୍କ ଉତ୍ତମ ପ୍ରଶିକ୍ଷଣକୁ ସ୍ଥାନୀୟ ଅଞ୍ଚଳର କାରିଗରମାନେ ପ୍ରଶଂସା କରିଥିଲେ ।

